







ସମ୍ବଲପୁର ଶୁକ୍ରବାର ଇନର ହ୍ୱିଲ କ୍ଲବ ଅଫ୍ ସମ୍ବଲପୁରର ଅଧିଷ୍ଠାନ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା (ବାମ)। ରେଳମଣ୍ଡଳ ପ୍ରବନ୍ଧକ ଅଫିସ ସମ୍ମୁଖରେ ବିଭିନ୍ନ ଦାବି ନେଇ ଭାରତ ମଜଦୁର ସଂଘ ଓ ଇଷ୍ଟକୋଷ୍ଟ ରେଳୱେ ଉଠା ଦୋକାନୀ ସଂଘ ଧାରଣାରେ ବସିଛି (ମଝି)। କଳାକାର ଉମା ପ୍ରସାଦ ପାଣିଗ୍ରାହୀଙ୍କ ବିୟୋଗରେ ସମ୍ବଲପୁର ଧନୁପାଲି କଖଗ ପ୍ରେକ୍ଷାଳୟରେ ଆୟୋଜିତ ଶୋକସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ।

## ସଂକ୍ଷେପରେ

### ଘଣ୍ଟା, ମୋବାଇଲ ଦୋକାନରୁ ଚୋରି

ରେଢ଼ାଖୋଲ,୫।୭(ଡି.ଏନ.ଏ.)

ରେଢ଼ାଖୋଲ ସହରରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ସହରର ବସଷ୍ଟାଣ୍ଡ, ହସ୍ପିଟାଲ ଛକର ବିଭିନ୍ନ ଦୋକାନରୁ ଗତ କିଛିଦିନ ମଧ୍ୟରେ ଲଗାତାର ଭାବେ ଚୋରି ହେଉଥିବା ଅଭିଯୋଗ ହେଉଛି। ଗୁରୁବାର ରଥଯାତ୍ରା ପାଇଁ ଦିନରାତି ଗହଳି ଲାଗି ରହିଥିଲା। ବ୍ୟାପକ ପୋଲିସ ମଧ୍ୟ ମୁତୟନ ହୋଇଥିଲେ। ତାହା ସତ୍ତ୍ୱେ ହସ୍ପିଟାଲ ଛକରେ ଥିବା ଏସ.ଏନ. ୱାଚ ସେଣ୍ଟରରୁ ଚୋରି ହୋଇଛି। ରାତିରେ ଦୋକାନର ଅଜବେଷ୍ଟସ ଭାଙ୍ଗି ମୋବାଇଲ ଓ ହାତଘଣ୍ଟା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନର ମାଲିକ ସୁଶାନ୍ତ ନାଗ ଏ ନେଇ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଶୁକ୍ରବାର ସକାଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ବି କାହାରିକୁ ଧରି ପାରିନି। ଏଣୁ ପୋଲିସର ପାରିବା ପଣିଆ ପ୍ରତି ରେଢ଼ାଖୋଲରେ ଲୋକଙ୍କ ଆଉ ଆସ୍ଥା ନାହିଁ।

### ଅନୁମତି ଦେଲାନି ପୋଲିସ, ରାସ୍ତାରୋକୋ ବାତିଲ

ବାମରା, ୫।୭ (ସ୍ୱ.ପ୍ର.)

ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ସମସ୍ୟା, ଅଭାବ ଅସୁବିଧାକୁ ନେଇ ଗତ ମାସ ୨୭ ତାରିଖ ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୂର୍ବ ନିର୍ଦ୍ଧାରିତ ଚିଠି ଅନୁଯାୟୀ ଶୁକ୍ରବାର ରାସ୍ତାରୋକୋ କରାଯାଇ ଥାନ୍ତା । ହେଲେ ଗୋବିନ୍ଦପୁର ପୋଲିସ ପକ୍ଷରୁ ଅନୁମତି ଦିଆ ନ ଯିବାରୁ ଏହା ବାତିଲ ହୋଇଥିବା ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ମାଝି ପ୍ରକାଶ କରିଛନ୍ତି।

### ୧୩୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ସମ୍ବଲପୁର,୫।୭(ବ୍ୟୁରୋ)

ମାନେଶ୍ୱର ବ୍ଲକ ଦେଓଗାଁ ଓ ଡକରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ମାନେଶ୍ୱର ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ପରିସରରେ ଏକ ମେଳା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଡକରା ପଞ୍ଚାୟତରେ ୧୦୨ ଜଣ ଓ ଦେଓଗାଁ ପଞ୍ଚାୟତରେ ୩୬ ଜଣ ହିତାଧିକାରୀଙ୍କୁ ଏହା ବଣ୍ଟନ କରାଯାଇଥିଲା। ସମୟସୀମା ଭିତରେ କାମ ସମ୍ପୂର୍ଣ୍ଣ କରି ସରକାରଙ୍କ ପ୍ରୋତ୍ସାହନ ରାଶିର ଲାଭ ନେବାକୁ ବିଧାୟକ ପୂଜାରୀ ହିତାଧିକାରୀଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡୋଲି, ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଗଛ ଲଗାଇବାକୁ ଆହ୍ୱାନ

ସମ୍ବଲପୁର, ୫।୭ (ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ଅନ୍ତର୍ଗତ ବୋଲବଙ୍ଗା ଓ ରଙ୍ଗିଆଟିକ୍ରାଠାରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ ବିଭାଗ ଅଧିକାରୀ, କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ବନ ସୁରକ୍ଷା ସମିତି ସଭ୍ୟ, ଜଙ୍ଗଲ ଅଧିକାର କମିଟି ସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ କ୍ଲବ ସଭ୍ୟମାନେ ଭାଗ ନେଇଥିଲେ । ଏହି ଅବସରରେ ବନ ଅଧିକାରୀ ସତ୍ୟନାରାୟଣ କୁଲୁ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ସୁରକ୍ଷା ଓ ବନିକରଣ ଉପରେ ଆଲୋକପାତ କରିଥିଲେ । ଆୟୋଜକ ମାସ୍ତର ଜାହ୍ନବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ରେଙ୍ଗାଲି,(ଡି.ଏନ.ଏ):** ରେଙ୍ଗାଲି ସ୍ଥିତ ନୂଆଁରମ୍ପେଲା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଶୁକ୍ରବାର ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସଚେତନତା ରାଲିରେ ବାହାରି ରେଙ୍ଗାଲି ସହର ପରିକ୍ରମା କରିବା ସହ ଲୋକଙ୍କୁ ଗଛ ଲଗାଇବା ପାଇଁ ସଚେତନ କରି ଚାରା ବଣ୍ଟନ କରିଥିଲେ । ପରେ ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ରେଙ୍ଗାଲି ବନଖଣ୍ଡ ରେଞ୍ଜର, ଫରେଷ୍ଟର ସମେତ ଅନ୍ୟାନ୍ୟ ବନ କର୍ମଚାରୀ, ବ୍ଲକ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବିନୋଦ ବିହାରୀ ନନ୍ଦ, ଉପସଭାପତି ବିଶ୍ୱକେଶନ ବିଶ୍ୱାଳ ଓ ଅନ୍ୟାନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସଭା ଶେଷରେ ଶିକ୍ଷକ କିଶୋର ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।



ଗଛ ଲଗାଇବାକୁ ଆହ୍ୱାନ ଦେଇ ରେଙ୍ଗାଲି ନୂଆଁରମ୍ପେଲା ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସଚେତନତା ଶୋଭାଯାତ୍ରାରେ ଗାଁ ପରିକ୍ରମା କରିବାକୁ ବାହାରିଛନ୍ତି ।

## ୨୩ ଲକ୍ଷ ଚାରା ରୋପଣ କରିବ ବନ ବିଭାଗ

ସମ୍ବଲପୁର,୫।୭(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଅଧୀନରେ ୨୦୧୯-୨୦ ବର୍ଷରେ ୨୩ ଲକ୍ଷ ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖିଛି ବନ ବିଭାଗ। ଏଥିପାଇଁ ସଦର, ଧମା, ପଡିବାହାଲ, ରେଙ୍ଗାଲି ରେଞ୍ଜର ବିଭିନ୍ନ ସ୍ଥାନରେ ଚାରା ପ୍ରସ୍ତୁତ କରାଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନ, ମେଡିକାଲ, ଖେଳ ପଡିଆ, ଗ୍ରମ୍ୟ ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରାଯିବ। ବିଭାଗ ନିଜେ ୨୦ ଲକ୍ଷ ଚାରା ରୋପଣ କରିବ। ଆଉ ୩ ଲକ୍ଷ ଚାରା ସର୍ବସାଧାରଣରେ ବଣ୍ଟନ କରାଯିବ। ଅଁଳା, ସଜନା, ଶିଶୁ, ଶାଗୁଆନ, ରାଧାଚୁଡା, ନିମ୍ବ, ବେଲ, ଆମ୍ବ, ଜାମୁ, ଅମୃତଭଣ୍ଡା ପ୍ରଭୃତି ଗଛ ବନ ବିଭାଗ ଲଗାଇବା ସହ ଲୋକଙ୍କୁ ବାଣ୍ଟିବ। ଆଦିତ୍ୟ ଅଲୁମିନିୟମ ପକ୍ଷରୁ ୪୫ ହଜାର, ତଲାବିରା କୋଇଲା ଖଣି- ୧ ପକ୍ଷରୁ ୭୫ ହଜାର ଚାରା ରୋପଣ କରାଯିବାକୁ ମଧ୍ୟ ଯୋଜନା ରହିଛି। ସେହପରି ସମ୍ବଲପୁର-ଅନୁଗୋଳ ୫୫ନମ୍ବର ଜାତୀୟ ରାଜପଥ କଡରେ ୧ ଲକ୍ଷ ୩୮ ହଜାର ବୃକ୍ଷ ରୋପଣ କରାଯିବ। ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସେଚନ, କ୍ଷୁଦ୍ର ଜଳସେଚନ ବିଭାଗ, ବ୍ଲକ୍ ଅଫିସ, ସ୍କୁଲ କଲେଜକୁ ଚାରା ଯୋଗାଇ ଦିଆଯିବ। ଏହାଦ୍ୱାରା ସମ୍ବଲପୁର ବନଖଣ୍ଡ ସବୁଜିମାରେ ପରିଣତ ହୋଇପାରିବ ବୋଲି ଡିଏଫଓ ସଞ୍ଜିତ କୁମାର ସୂଚନା ଦେଇ କହିଛନ୍ତି।

## ରଥରୁ ଓହ୍ଲାଇ ମାଉସୀ ମା' ମନ୍ଦିରକୁ ଗଲେ ଠାକୁର

ରେଢ଼ାଖୋଲ,୫।୭(ଡି.ଏନ.ଏ.)

ରଢ଼ାଖୋଲ ରଥ ଯାତ୍ରାର ଶୁକ୍ରବାର ଦିତୀୟ ଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଡ ଭାଇ ବଳଭଦ୍ର, ଦେବୀ ଶୁଭଦ୍ରା, ଦଧିବାମନ ଜୀଉ ଓ ସୁଦର୍ଶନ ମାଉସୀ ମା' ମନ୍ଦିରରେ ପ୍ରବେଶ କରିଛନ୍ତି। ରଥଯାତ୍ରା ଦିନ ବାଟରେ ଅଟକି ରହିଥିବା ଦୁଇ ରଥକୁ ଅପରାହ୍ନ ୪ଟାରେ ଟଣା ଯାଇଥିଲା। ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ବ୍ରହ୍ମସମାଜର ପଣ୍ଡିତମାନେ ଠାକୁରମାନଙ୍କୁ ପହଣ୍ଡି ବିଜେ କରିଥିଲେ। ମାଉସୀ ମା ମନ୍ଦିରକୁ ଠାକୁରମାନଙ୍କୁ ପ୍ରବେଶ କରାଗଲାବେଳେ ଘଣ୍ଟ, ଶଙ୍ଖ, ହରିବୋଲ ଓ ହୁଳହୁଳିର ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପହଣ୍ଡି ବେଳେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଦେବୋତ୍ତର ବୋର୍ଡ ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଶମ୍ଭୁ ପ୍ରସାଦ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଅନାଦି ସାହୁ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, ଉପଜିଲାପାଳ ବିଶିକେସନ ଦେହୁରୀ, ତହସିଲଦାର ରୁବି ବେହେରା,ଙ୍କ ସମେତ ରଥ ଯାତ୍ରା ପରିଚାଳନା କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ରଥଟଣାକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଉପସ୍ଥିତ ଥିଲେ।

## ଭାଜପା ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୫।୭(ବ୍ୟୁରୋ)

ସମ୍ବଲପୁର ଓଡିଶା ସଂସ୍କୃତିକ ସମାଜ ଭବନ ପରିସରରେ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ୨୦୧୯ ବର୍ଷରେ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଅମିତାଭ ଚକ୍ରବର୍ତ୍ତୀ, ଗୋବିନ୍ଦ ଅଗ୍ରୱାଲ, ଜିଲା ସଭାପତି ରାମଚନ୍ଦ୍ର ମେହେର, ରବିନାରାୟଣ ନାଏକ, ଗିରିଶ ପଟେଲ, ସୀମାଞ୍ଚଳ ଖଟେଇ, ଦେବେନ୍ଦ୍ର ମହାପାତ୍ର, ଅନ୍ନପୂର୍ଣ୍ଣା ବାରିକ, ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାନସ ବକ୍ସିଙ୍କୁ ମିଡିଆ ସଯୋଜକ ଭାବେ ଚୟନ କରାଯାଇଛି । ସୂର୍ଯ୍ୟ ପାଣିଗ୍ରାହୀ ସ୍ୱାଗତ ଭାଷଣ ସହ ଶେଷର ଧନ୍ୟବାନ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଶନିବାରଠାରୁ ଭାଜପାର ନୂତନ ସଦସ୍ୟ ଗ୍ରହଣ କରାଯିବ । ଫୋନ୍ ଯୋଗେ ମିସ୍‌କଲ୍ କରି ଲୋକେ ଦଳର ସଭ୍ୟ ହୋଇ ପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନାରସରୁ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ।

## ସୈନ୍ୟ ବାହିନୀ ନିଯୁକ୍ତି ରାଲି ପ୍ରସ୍ତୁତି ବୈଠକ

ସମ୍ବଲପୁର,୫।୭ (ବ୍ୟୁରୋ)

ଭାରତୀୟ ସେନା ବାହିନୀରେ ନିଯୁକ୍ତି ରାଲି ପ୍ରସ୍ତୁତି ବୈଠକ ଶୁକ୍ରବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଶୁଭମ ସକସେନାଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା । ଅଗଷ୍ଟ ୨୭ ରୁ ୩୧ ପର୍ଯ୍ୟନ୍ତ ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଏଥିରେ ଅନୁଗୋଳ, ବଲାଙ୍ଗୀର, ବରଗଡ, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସୁବର୍ଣ୍ଣପୁର, ସୁନ୍ଦରଗଡ ଓ ସମ୍ବଲପୁର ଜିଲାର ପ୍ରାର୍ଥୀମାନେ ଭାଗ ନେବେ। ତେଣୁ ଏହି କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳା ସହ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ମହାନଗର ନିଗମ କମିଶନର ତ୍ରିଲୋଚନ ମାଝି, ସଦର ଉପଜିଲାପାଳ ପ୍ରଦୀପ ସାହୁ, ସେନା ନିଯୁକ୍ତି ଅଫିସର ଅଧିକାରୀମାନେ ଆଲୋଚନାରେ ଭାଗ ନେଇଥିଲେ।

## ମାଲେସିଆରେ ନାଚିବେ ସମ୍ବଲପୁରୀ କଳାକାର




ମାଲେସିଆ ଶିବୁ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ଭାଗ ନେବାକୁ ଥିବା ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟରର କଳାକାରମାନେ ।

ସମ୍ବଲପୁର,୫।୭(ବ୍ୟୁରୋ)

ମାଲେସିଆରେ ସମ୍ବଲପୁରୀ ଲୋକନୃତ୍ୟ ଓ ଲୋକବାଦ୍ୟ ପରିବେଷିତ ହେବ । କଳାକାରମାନେ ସେଠାରେ ମାଇଲାଜଡ, ନଚନିଆଁ, ବଜନିଆଁ, ଡାଲଖାଇ, ଦେଶୀ କରମା ନୃତ୍ୟ ପରିବେଷଣ କରିବେ । ଦୁଲଦୁଲି, ନିଶାନ, ତାସା, ମହୁରୀ, ଝାଞ୍ଜରେ ମହୋତ୍ସବ ମଞ୍ଚ ଦୁଲୁକି ଉଠିବ। ମାସେ ହେଲା ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟରର କଳାକାରମାନେ ଏଥିପାଇଁ ଅଭ୍ୟାସ ଜାରି ରଖିଛନ୍ତି। ଶୁକ୍ରବାର ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ହୋଟେଲ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ମୁଖ୍ୟ ତଥା ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅଗଷ୍ଟ ୧୨ରୁ ୧୮ ତାରିଖ ମାଲେସିଆ ଶିବୁ ସହରରେ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ହେବ । ଏଥିରେ ବିଶ୍ୱର ୧୨ଟି ଦେଶର କଳାକାରମାନେ ଭାଗ ନେବେ । ଭାରତରୁ ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟର ଭାଗ ନେବ । ଶ୍ରୀକାନ୍ତ ସା, ଚୁମକି ବୈଠାରୁ, ମାହେଶ୍ୱତା ଚାନ୍ଦ, ଚନ୍ଦ୍ରଶେଖର ଦୁବେ, ଲକ୍ଷ୍ମୀକାନ୍ତ ବୋଷ, ବିଶାଲ ବେହେରା, ବିମଳ ବେହେରା, ସଦାଶିବ ବାଗ, ସଞ୍ଜୟ ନାଗ, ସଚିନ ସୁନା, ଶ୍ୱେତା ପାଢ଼ୀ, ମୀନାକ୍ଷୀ ନାୟକ, ମିତାଲି ପଣ୍ଡା, ୱାଇ ଅଙ୍କିତା ପ୍ରମୁଖ ଉକ୍ତ ମହୋତ୍ସବରେ ନୃତ୍ୟ, ଗୀତ, ବାଦ୍ୟ ପରିବେଷଣ କରିବେ।

## ଡ. ନୀଳମାଧବ ପାଣିଗ୍ରାହୀ ପୁରସ୍କାର ପାଇଁ ନାମାଙ୍କନ ଆହ୍ୱାନ

ସମ୍ବଲପୁର, ୫।୭ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିବର୍ଷ ଡ. ନୀଳମାଧବ ପାଣିଗ୍ରାହୀ ବାର୍ଷିକ ପୁରସ୍କାର ଦିଆଯାଉଛି । ଚଳିତ ବର୍ଷ ମଧ୍ୟ ଡ. ନୀଳମାଧବ ପାଣିଗ୍ରାହୀ ବାର୍ଷିକ ପୁରସ୍କାର- ୨୦୧୮ ସକାଶେ ନାମାଙ୍କନ ପତ୍ର ଆହ୍ୱାନ କରାଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସଜତ କୁମାର ସାହୁ ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି ଯେ, ସମ୍ବଲପୁରୀ- କୋଶଳୀ ଭାଷାରେ ଲିଖିତ, ଅନୁବାଦ ଓ ସୃଜନାତ୍ମକ ସାହିତ୍ୟ କୃତିଙ୍କୁ ଏହି ପୁରସ୍କାର ଦିଆଯାଇଥାଏ । ବ୍ୟକ୍ତି ବିଶେଷ ଓ ସଂଗଠନମାନଙ୍କ ଠାରୁ ନାମାଙ୍କନ ପତ୍ର ଆହ୍ୱାନ କରାଯାଇଛି । ସାହିତ୍ୟ କୃତି, ମୂଳ ସଂସ୍କୃତ, ହିନ୍ଦୀ କିମ୍ବା ବଙ୍ଗଳା ଭାଷାରେ ଲିଖିତ କୌଣସି ଖ୍ୟାତି ସମ୍ପନ୍ନ ଗଦ୍ୟ ସାହିତ୍ୟ, ନାଟକ ଓ କାବ୍ୟର ଅନୁବାଦ ହେବା ଆବଶ୍ୟକ । ଏତଦ୍‌ବ୍ୟତୀତ ସମ୍ବଲପୁରୀ ଭାଷାରେ ରଚିତ ମୂଳଗଦ୍ୟ ଓ କାବ୍ୟ କୃତୀ ମଧ୍ୟ ନାମାଙ୍କନ ପାଇଁ ଯୋଗ୍ୟ ବିବେଚିତ ହେବ । ତେବେ ଶହେରୁ କମ୍ ପୃଷ୍ଠା ସମ୍ବଳିତ କୌଣସି ସାହିତ୍ୟ କୃତି ପୁରସ୍କାର ଲାଗି ଗ୍ରହଣୀୟ ହେବନାହିଁ । ନାମାଙ୍କନ ସହ ନାମାଙ୍କିତ ସାହିତ୍ୟ କୃତିର ପାଞ୍ଚ ଖଣ୍ଡ ଗ୍ରନ୍ଥ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାରିକଙ୍କ ଠିକଣାରେ ଚଳିତ ମାସ ୯ ତାରିଖ ସୁଦ୍ଧା ପହଞ୍ଚିବା ଜରୁରୀ ବୋଲି ସେ କହିଛନ୍ତି ।


**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

**ନାମଲେଖା ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।

Sd./- Principal, Chikiti Mahavidyalaya, Chikiti (Gm.)



बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ଉପ-ମହାପ୍ରବନ୍ଧକ




ବର୍ଷାଦିନେ ଜଣ୍ଡିସ, ଝାଡାବାନ୍ତି, ଡେଙ୍ଗୁ ଆଦି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବରଗଡ଼ ଜିଲା ପଦ୍ମପୁର ନିକଟ କଣ୍ଟାପାଲିଠାରେ ଭିମ୍‌ସାରର ଡାକ୍ତର ଶଙ୍କର ରାମଚନ୍ଦାନୀ ଗାଁ ଲୋକଙ୍କୁ ସଚେତନ କରାଉଛନ୍ତି ।

## କବି ସୌଭାଗ୍ୟବନ୍ତ ମହାରଣାଙ୍କୁ କାଦମ୍ବିନୀ କବିତା ସମ୍ମାନ

ସମ୍ବଲପୁର, ୫।୭ (ବ୍ୟୁରୋ)

କବି ସୌଭାଗ୍ୟବନ୍ତ ମହାରଣାଙ୍କୁ କାଦମ୍ବିନୀ କବିତା ସମ୍ମାନ- ୨୦୧୯ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ କାଦମ୍ବିନୀ ଓ କୁନି କଥାର ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି। ତାଙ୍କର ୧୬ଟି କବିତା ସଂକଳନ ଓ ୩ଟି ସାହିତ୍ୟ ସମାଲୋଚନା ଗ୍ରନ୍ଥ ପ୍ରକାଶିତ ହୋଇଛି।


**ଆଲ୍ଲାହାବାଦ ବ୍ୟାଙ୍କ**

(ଭାରତ ସରକାରଙ୍କ ଉପକ୍ରମ)

ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**

(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର),** ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍, ଗରାବନ୍ଧୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର ।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା-ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲି (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧ । **(୨)**ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମର ଅଛି । | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୬/୨୦୧୯ Sambalpur, Saturday, July 6 / 2019

No.1 EXCELLENCE AWARDED (MAXIM) IN INDIA
MBBS Study in Abroad
RUSSIA | KYRGYZSTAN | KAZAKHSTAN | UKRAINE
4210 DOCTORS SUCCESSFULLY RETURNED
Dr. Sudhakar Tiwari Available for Spot Admission and Counselling
AT BHUBANESHWAR- 8th July Hotel Arya Palace
AT BALASORE- 9th July Lucky International
AT SAMBALPUR- 10th July Hotel Sheela Tower
MAXIM EDU. PVT. LTD.
OFFICE : - Plot No. : 85, Lane No. 6, Bapuji Nagar, BHUBANESHWAR Mob. : 7381600301, 9300432509,
Since 1990
Toll Free - 1800-270-2007 | www.maximedu.com

ତୀର୍ଥ ଭ୍ରମଣ ସ୍ପେଶାଲ
REGD. NO. 465, ORGR,- BANAMALI PANDA, KHAIRABAD, JAJPUR, M- 9437310046, 9668114682

ASBM®
A Strong Foundation for a Winning Career
ADMISSION - 2019
B.COM (Hons.)
Accounting | Management
Students can apply on the SAMS web portal (http://dheodisha.gov.in/SAMS/degree.aspx) by giving 1st option for ASBM, Bhubaneswar Block, District Khurda.
13th Batch | BBA (Hons.)
Apply Online : www.asbm.ac.in
+91-674-2744884/ 885, 2374838 | TOLL FREE - 18003 4565855

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

**ପୁରୁଣାକଟକ/ବୌଦ୍ଧ,୫।୭(ଡି.ଏନ.ଏ) :** ହରଭଙ୍ଗା ଥାନା ଛତ୍ରଙ୍ଗ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସୁଷମା ପ୍ରଧାନ(୩୫)। ସୂଚନ ଅନୁସାରେ, ଛତ୍ରଙ୍ଗ ଗ୍ରାମର ସୁରଥ ପ୍ରଧାନ, ସ୍ତ୍ରୀ ସୁଷମା ପ୍ରଧାନ ପରିବାର ସହ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ ସୁଷମାଙ୍କୁ କାମୁଡି ଦେଇଥିଲା। ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

ସ୍ୱାସ୍ଥ୍ୟ ବିଭାଗର ଅଜବ ନୀତି

### ମୃତ କର୍ମଚାରୀଙ୍କୁ ବଦଳି ଆଦେଶ

**ବରଗଡ଼ ଅଫିସ୍,୫।୭:** ବରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ କିଭଳି ଖାମଖିଆଲି ଭାବେ ଚାଲିଛି ତାର ଏକ ନମୁନା ଶୁକ୍ରବାର ନଜରକୁ ଆସିଛି । ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନ ଜମଲା ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ମୃତ ସ୍ୱାସ୍ଥ୍ୟ କର୍ମଚାରୀ କିଶୋର ଚନ୍ଦ୍ର ପଟ୍ଟନାୟକଙ୍କ ନାମରେ ବଦଳି ଆଦେଶ ହୋଇଛି । ଏହା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରକାଶ ଯେ, ଗତ ମାର୍ଚ୍ଚ ମାସ ୧୧ତାରିଖରେ କିଶୋରଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇଥିଲା । ମାତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ)ଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ବିଜ୍ଞପ୍ତି ନଂ-୫୪୯୪ ତା-୨୯/୬.୨୦୧୯କ୍ରମେ ସ୍ୱର୍ଗତ ପଟ୍ଟନାୟକଙ୍କୁ ଜମଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି ହୋଇଥିବା ଉଲ୍ଲେଖ ରହିଛି । ଏ ସମ୍ପର୍କରେ ସିଡ଼ିଏମଓ ଡା. ଏନ. କେ ପାଢ଼ୀଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ସେଭଳି ତ୍ରୁଟି ହୋଇଥିଲା ଏବଂ ତାହା ଜଣାପଡ଼ିବା ପରେ ସେଥିରେ ସଂଶୋଧନ କରାଯାଇଥିବା ସେ କହିଥିଲେ ।

### ବସ୍ ଦୁର୍ଘଟଣାଗ୍ରସ୍ତ, ୨ ବୁର୍ଲା ସ୍ଥାନାନ୍ତର

**ବରଗଡ଼ ଅଫିସ୍,୫।୭:** ବରଗଡ଼-ଭଟଲି ରାସ୍ତାର ଖେଦାପାଲି ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ୯ଟାରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌ରେ ଧକ୍କା ହୋଇଥିଲା । ଏଥିରେ ୨ଜଣ ଆହତ ହୋଇଛନ୍ତି । ଆହତଙ୍କ ନାମ ବୁଦ୍ଧ ଓ ଉପେନ୍ଦ୍ର ପାଣ୍ଡେ ବୋଲି ସୂଚନା ମିଳିଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

### ବିଷ ପିଇ ନାବାଳକଙ୍କ ଆତ୍ମହତ୍ୟା

**ବିଜେପୁର,୫।୭(ଡି.ଏନ.ଏ):** ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ଆଇମାଲ ଗ୍ରାମରେ ଶୁକ୍ରବାର ଜଣେ ନାବାଳକ ବିଷ ପିଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ ନାବାଳକ ହେଲେ ରୋଶନ ପାତ୍ର(୧୪) । ସକାଳେ କୌଣସି କାରଣରୁ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଜେପୁର ଡାକ୍ତରଖାନା ଆଣିଥିଲେ । ସେଠାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

■ ଯୁବତୀଙ୍କୁ ଏସିଡ୍ ମାଡ଼ ମାମଲାର ରାୟ ପ୍ରକାଶ

# ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ଧର୍ମଗଡ଼,୫।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡଙ୍ଗରୀଗୁଡାର ଏକ ଯୁବତୀଙ୍କୁ ଜଣେ ଯୁବକ ଏକତରଫା ପ୍ରେମ କରୁଥିଲେ। ଯୁବତୀ ଜଣକ ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଯୁବକ ତାଙ୍କୁ ଏସିଡ୍ ମାଡ କରିଥିଲେ। ଉକ୍ତ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଅତିରିକ୍ତ ଦୌରାଜଜ୍ ରାମକୃଷ୍ଣ ଚୌଧୁରୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟେ ପୁଣି ୨ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡଙ୍ଗରୀଗୁଡାର ଜଣେ ୨୦ ବର୍ଷୀୟା ଯୁବତୀ ୨୦୧୮ ଜାନୁୟାରୀ ୧୫ରେ ସବୁଦିନ ଭଳି କଲମପୁର କଲେଜକୁ ଯାଉଥିଲା। ଏହି ସମୟରେ ବାରମ୍ବାର ତାଙ୍କୁ ପ୍ରେମ ନିବେଦନ କରି ବିଫଳ ହୋଇଥିବା ଖଣ୍ଡିଡଙ୍ଗରୀଗୁଡାର ପର୍ଶୁରାମ ମାଝି ତାଙ୍କ ପିଛା କରିଥିଲେ। ହାତୀନଦୀ ପାରହେବା ପରେ କଲମପୁର ଜୁନାଗଡ ମୁଖ୍ୟରାସ୍ତାର ବଙ୍କାପଲାକୁ ଯିବା ପୂର୍ବରୁ ପର୍ଶୁରାମ ଧରିଥିବା ଏସିଡ୍ ଯୁବତୀଙ୍କ ମୁହଁକୁ ଲକ୍ଷ୍ୟ କରି ଫିଙ୍ଗି ସେଠାରୁ ଫେରାର ହୋଇଯାଇଥିଲେ। ଏସିଡ୍ ମାଡ଼ରେ ତାଙ୍କ ହାତ ଓ ମୁହଁ ପୋଡିଯିବା ସହିତ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ହାଇଦ୍ରାବାଦ ନିକଟରୁ ପର୍ଶୁରାମଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ଅଭାବନୀୟ ଘଟଣା ସେତେବେଳେ ସମଗ୍ର କଳାହାଣ୍ଡି ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା।

**୧ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ**

# ଜାଲ ନୋଟ୍ ଜବତ, ଜଣେ ଅଟକ

**ବଲାଙ୍ଗୀର ଅଫିସ, ୫।୭**

ବଲାଙ୍ଗୀର ଜିଲା ଚନ୍ଦନଭାଟି ଫାଣ୍ଡି ଅନ୍ତର୍ଗତ ଚନ୍ଦନଭାଟି ଗାଁର ଜଣେ ଯୁବକଙ୍କଠାରୁ ୩ଟି ଜାଲ ଶହେ ଟଙ୍କିଆ ନୋଟ୍ ଜବତ କରାଯାଇଛି । ଗାଁର ଜଣେ ଉଠାଦୋକାନୀଙ୍କଠାରୁ ସାମଗ୍ରୀ କିଣିବା ବେଳେ ସେହି ଗ୍ରାମର ପିଣ୍ଟୁ ମହାକୁର (୩୦) ସମ୍ପୃକ୍ତ ଦୋକାନୀଙ୍କୁ ଗୋଟିଏ ଶହେ ଟଙ୍କିଆ ନୋଟ୍ ଦେଇଥିଲେ । ପରେ ଏହା ଜାଲ ବୋଲି ଜଣାପଡିଥିଲା । ଏହାକୁ ନେଇ ଗାଁରେ ଚର୍ଚ୍ଚା ହେବା ପରେ ଅନ୍ୟ ଜଣେ ବ୍ୟକ୍ତି ମଧ ସେହି ସମାନ ଅଭିଯୋଗ କରିଥିଲେ । ଗାଁର କେତେକ ବ୍ୟକ୍ତି ପିଣ୍ଟୁଙ୍କୁ ଜାଲ ନୋଟ୍ ସମ୍ପର୍କରେ ପଚାରିବାରୁ ସେ ଏ ନେଇ ଠିକ୍ ଭାବେ ଉତ୍ତର ଦେଇ ପାରି ନ ଥିଲେ । ପରେ ଚନ୍ଦନଭାଟି ଫାଣ୍ଡି ପୋଲିସ ପିଣ୍ଟୁଙ୍କୁ ଧରି ନେଇ ଅଧିକ ପଚରାଉଚୁରା କରିଥିଲା। ତଲାସୀ ବେଳେ ତାଙ୍କ ପାଖରୁ ପୋଲିସ ୩ଟି ଜାଲ ଶହେ ଟଙ୍କିଆ ନୋଟ୍ ଜବତ କରିଥିଲା । ଜବତ ନୋଟ ମଧ୍ୟରୁ ଦୁଇଟିର ନମ୍ବର ସମାନ ରହିଛି । ଅଟକ ଯୁବକଙ୍କ କହିବା ମୁତାବକ କୁଶମେଲ ଖଲିଆପାଲିର ନୁରୁ ନାମକ ଜଣେ ଯୁବକ ତାଙ୍କୁ ଜାଲ ନୋଟ୍ ଦେଇଥିଲେ । ଏହି ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା (ନଂ.୧୪୨/୧୯) ରୁଜୁ କରାଯାଇଛି। ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଥିବା ସଦର ଥାନା ଆଇଆଇସି ଯୋଗେଶ୍ୱର ପଣ୍ଡା ସୂଚନା ଦେଇଛନ୍ତି ।



ଜବତ୍ ଜାଲ ଶହେ ଟଙ୍କିଆ ନୋଟ ।


ଅଟକ ଯୁବକ ପିଣ୍ଟୁ ମହାକୁର ।

## ନିଜ ଅପହରଣ ନାଟକରେ ଫସିଗଲେ ଯୁବକ


ଖବରଦାତା ସମ୍ମିଳନୀରେ ପୋଲିସଙ୍କ ପଛରେ ୩ ଅଭିଯୁକ୍ତ ।

**ସମ୍ବଲପୁର,୫।୭(ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ତାଳଭଟାପଡାର ଜଣେ ଯୁବକ ନିଜକୁ ଅପହରଣର ନାଟକ କରି ପୋଲିସ ଜାଲରେ ଫସି ଯାଇଛନ୍ତି। ନିଜକୁ ନିଜେ ସେ ମୁଣ୍ଡ ଜାମିନ ରଖି ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଘରର ସମସ୍ତଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ହେଲେ ପୋଲିସ ଏହି ଘଟଣାର ପର୍ଦ୍ଦାଫାସ କରିଛି। ତେବେ ଏହି ଯୁବକ ଜଣକ ହେଲେ ଆଦର୍ଶ ଘୋଷ ଓରଫ ଗୋଲୁ। ଅନ୍ୟପକ୍ଷେ ଆଦର୍ଶଙ୍କୁ ଏହି ଅପହରଣ ନାଟକରେ ସହଯୋଗ କରିଥିବା ତାଙ୍କର ଦୁଇ ସାଙ୍ଗ ପ୍ରବୀଣ କୁମାର ସା (୨୮) ଓ ଅନୀଲ ଶର୍ମା (୨୭) ମଧ ପୋଲିସ ଫାସରେ ପଡିଛନ୍ତି। ପୋଲିସ ଏହି ୩ ଜଣଙ୍କୁ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତିନିହେଁ ଜେଲ ଯାଇଛନ୍ତି। ଏ ନେଇ ଏକ ମାମଲା (ନଂ.୧୭୧/୧୯) ରୁଜୁ ହୋଇଛି । ଜୁନ ୧ ତାରିଖ ଗୋଲୁ ନିଖୋଜ ହୋଇଯାଇଥିଲେ। ୩ ତାରିଖ ଗୋଲୁଙ୍କ ଘରକୁ ଏକ ଅଜଣା ଟେଲିଫୋନ ନମ୍ବରରୁ ଫୋନ୍ ଆସିଥିଲା। 'ତମ ପୁଅଙ୍କୁ ଅପହରଣ କରାଯାଇଛି। ୫ ଲକ୍ଷ ଟଙ୍କା ଦିଅ। ନ ହେଲେ ଜୀବନରେ ମାରିଦେବୁ' ବୋଲି ଧମକ ମିଳିଥିଲା। ଏ ନେଇ ଘର ଲୋକେ କ୍ଷେତରାଜପୁର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକ୍ କରି ତଦନ୍ତ ଆରମ୍ଭ କରିଥିଲା। ବୁର୍ଲା କଟାପାଲିଠାରେ ପୋଲିସ ଟିମ୍ ଜଗି ରହି ଗାଡି (ନଂ ଓଡି-୧୫-ବି-୧୯୬୧)କୁ ଅଟକାଇ ଯାଞ୍ଚ କରିଥିଲା। କାର ଭିତରେ ଗୋଲୁଙ୍କ ସହ ଅନ୍ୟ ୨ ଜଣ ଥିଲେ। ପୋଲିସ ଗୋଲୁଙ୍କୁ ଉଦ୍ଧାର କରିଥିଲା। ସମସ୍ତଙ୍କୁ ଥାନାକୁ ନେଇ ପଚରାଉଚରା ପରେ ପୋଲିସ ଯାହା ଶୁଣିଲା ଆଶ୍ଚର୍ଯ୍ୟ ହୋଇଥିଲେ। ଘରୁ ଟଙ୍କା ନେବାକୁ ଗୋଲୁ ନିଜର ଅପହରଣ ନାଟକ ନିଜେ ହିଁ ରଚିଥିଲେ ଓ ଏଥିରେ ତାଙ୍କର ଦୁଇ ସାଙ୍ଗ ସହଯୋଗ କରିଥିଲେ ବୋଲି ପୋଲିସ ଆଗରେ ମାନିଥିଲେ। ଶୁକ୍ରବାର କ୍ଷେତରାଜପୁର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଏହି ସୂଚନା ଦେଇଛନ୍ତି।

**ପରିବାରକୁ ୫ ଲକ୍ଷ ଟଙ୍କା ଦାବି କରିଥିଲେ**

# ବଜେଟ ପ୍ରତିକ୍ରିୟା, ସମସ୍ତଙ୍କ ଉପରେ ବୋଝ

### ସୁନା ଉପରେ ଟିକସ ବୃଦ୍ଧି ଦୁର୍ଭାଗ୍ୟଜନକ



ଯେଉଁ ମଧ୍ୟବିତ୍ତ ପରିବାର, ଚାଷୀ, ଯୁବକ ଏବଂ ମହିଳାଙ୍କ ଭୋଟ ପାଇ ମୋଦି କ୍ରମାଗତ ଦ୍ୱିତୀୟଥର ପାଇଁ ଶାସନକୁ ଆସିଲେ, ସେମାନଙ୍କ ପ୍ରତି ବଜେଟ୍‌ରେ ଧୋକାବାଜି କରାଯାଇଛି । ଚାଷୀ, ଯୁବକଙ୍କ କର୍ମସଂସ୍ଥାନ ପାଇଁ ବଜେଟ୍‌ରେ ସେଭଳି କିଛି ନାହିଁ । ମଧ୍ୟବିତ୍ତ ଶ୍ରେଣୀର ମହିଳାମାନେ ସୁନା ଟିକିଏ କିଣି ତାକୁ ପିନ୍ଧିବା ସହିତ ନିଜ ସଞ୍ଚିତ ଧନ ବୋଲି ମନେ କରନ୍ତି । କିନ୍ତୁ ସୁନାରେ ଅଢ଼େଇ ପ୍ରତିଶତ ଟିକସ ବୃଦ୍ଧି ଦୁର୍ଭାଗ୍ୟଜନକ। ୩ କୋଟି ଖୁଚୁରା ବ୍ୟବସାୟୀଙ୍କୁ ପେନସନ ପ୍ରଦାନ ଏବଂ ଇଲେକ୍ଟ୍ରିକ କାର୍‌ରେ ଜିଏସଟି ହ୍ରାସ ସ୍ୱାଗତଯୋଗ୍ୟ ।

**ପ୍ରଦୀପ ଦେବତା, ସଭାପତି, ବ୍ୟବସାୟୀ ସଂଘ, ବରଗଡ଼**

### ଜାତୀୟ ଆୟକୁ ବୃଦ୍ଧି କରିବା ଲକ୍ଷ୍ୟ



ଅର୍ଥମନ୍ତ୍ରୀ ଜାତୀୟ ଆୟକୁ ୨ଲକ୍ଷ ୭୦ହଜାର କୋଟି ଆମେରିକୀୟ ଡଲାରରୁ ୫କୋଟି ଆମେରିକୀୟ ଡଲାରକୁ ବୃଦ୍ଧି ଲକ୍ଷ୍ୟ ରଖିଛନ୍ତି। ବିତ୍ତୀୟ ନିଅଣ୍ଟ ଯାହାକି ୨୦୧୮ରେ ଜାତୀୟ ଆୟର ୩.୪ ଶତକଡା ଥିଲା ତାହାକୁ ବଜେଟ୍‌ରେ ୩.୩ ଶତକଡା ହ୍ରାସ କରିବା ଲକ୍ଷ୍ୟ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସଜାଡିବାରେ ସହାୟକ ହେବ। କିନ୍ତୁ ଆୟକର ଛାଡ ସୀମାକୁ ପରିବର୍ତ୍ତନ କରାଯାଇଛି । ଏପରି ପଦକ୍ଷେପ ବେତନଭୋଗୀ ଓ ମଧବିତ୍ତ ଶ୍ରେଣୀର ଲୋକମାନଙ୍କୁ ନିରାଶ କରିଛି। ରେଳ ଷ୍ଟେଶନ ଆଧୁନିକୀକରଣକୁ ଗୁରୁତ୍ୱ ଦିଆଯାଇଛି। ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା ଦିଗରେ ବିଶେଷ ଦୃଷ୍ଟି ଦିଆଯାଇନି ।

**ଡ. ଆନନ୍ଦ ଚନ୍ଦ୍ର ତ୍ରିପାଠୀ, ଅର୍ଥନୀତି ବିଭାଗ ପ୍ରାଧ୍ୟାପକ, ସୋନପୁର କଲେଜ**

### ସାଧାରଣ ବର୍ଗ, ଗରିବ ଶ୍ରେଣୀ ଉପକୃତ ହେବେ

ଏଥର କେନ୍ଦ୍ର ସରକାରଙ୍କ ବଜେଟରେ ସବୁବର୍ଗର ଲୋକଙ୍କ ପାଇଁ ସୁବିଧା ରହିଥିଲେ ମଧ ସାଧାରଣ ବର୍ଗ ଓ ଗରିବ ଶ୍ରେଣୀ ଲୋକମାନେ ଅଧିକ ଉପକୃତ ହେବେ। ଟିକସ କମିବା ସହ ସରକାରୀ ସହାୟତା ଦେବା ଯୋଗୁ ଛୋଟ ଛୋଟ ବ୍ୟବସାୟ କରିବା ପାଇଁ ଆଗ୍ରହ ବଢ଼ିବ । ଫଳରେ ବେକାରୀ ସମସ୍ୟା ଦୂର ହେବ । ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ ହେବା ଭଲ ପଦକ୍ଷେପ। ଏହା ସହ ବ୍ୟାଟେରୀ ଚାଳିତ ଗାଡି ଉପରେ ଟିକସ କମିବା ଯୋଗୁ ଅଧିକ ପରିମାଣର ଗାଡି ବିକ୍ରି ହେବ। ଫଳରେ ଡିଜେଲ ଓ ପେଟ୍ରୋଲ ଚାଳିତ ଯାନବାହାନ ଚଳାଚଳ ଯୋଗୁ ଯେଉଁ ପ୍ରଦୂଷଣ ହେଉଥିଲା ତାକୁ ରୋକିବା ସମ୍ଭବ ହେବ।



**ସୁନୀଲ ବର୍ମା,ଚାଟାର୍ଡ ଆକାଉଣ୍ଟାଣ୍ଟ, ସମ୍ବଲପୁର**

### ସାଧାରଣ ଲୋକଙ୍କ ଉପରେ ବୋଝ ପଡ଼ିବ



କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ଠିକ୍ ଲାଗୁନି। ଏଥିରେ ଗରିବ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ଭୁଆଁ ବୁଲାଯାଇଛି। ଏହି ବଜେଟରେ ପେଟ୍ରୋଲ, ଡିଜେଲ ଦର ଉପରେ ଅତିରିକ୍ତ ସେସ ଆଦାୟ ଫଳରେ ସାଧାରଣ ଲୋକଙ୍କ ଉପରେ ବୋଝ ପଡିବ। ବିଭିନ୍ନ ସାମଗ୍ରୀର ଦର ବୃଦ୍ଧିପାଇବ ।

**ହରଜେନ୍ଦ୍ର ସିଂ, ସୁନ୍ଦରଗଡ଼।**

### ତେଲ ଉପରେ ସେସ୍ କଷ୍ଟ ଦେବ



କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀଥାରମଣ ଶୁକ୍ରବାର ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି । ହେଲେ ଏହି ବଜେଟ୍ ଲୋକଭିମୁଖୀ ହୋଇପାରିନାହିଁ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଲୋକଙ୍କ ଆର୍ଥିକ ସ୍ଥିତି ସେପରି ଭଲ ନୁହେଁ । ଏପରି ସ୍ଥଳେ ପେଟ୍ରୋଲ ଓ ଡିଜେଲ ଉପରେ ୧ ଟଙ୍କାର ସେସ ଯୋଗୁ ସବୁବର୍ଗର ଲୋକେ ପ୍ରଭାବିତ ହେବେ। ଚାଷୀମାନଙ୍କ ଉପରେ ଏହାର ଅଧିକ ପ୍ରଭାବ ପଡିବ । ସେସ ଯୋଗୁ ଦରଦାମ ବୃଦ୍ଧି ନିଶ୍ଚିତ ହେବ। ଏହା ଗରିବ ଓ ମଧ୍ୟବିତ୍ତ ପରିବାର ଏଥିପାଇଁ ଅଧିକ କଷ୍ଟ ପାଇବେ। ଚାଷୀମାନେ ବି ଏହି ବଜେଟ୍‌ରେ କୌଣସି ଲାଭ ପାଇବେ ନାହିଁ।

**ଦେବରଞ୍ଜନ ବିଶି, ସରକାରୀ ଓକିଲ, ବୌଦ୍ଧ**

### ବଜେଟ୍ ସ୍ୱାଗତଯୋଗ୍ୟ



ମୋଦୀ ସରକାରଙ୍କ ଦ୍ୱିତୀୟ ଇନିଙ୍ଗ୍‌ସର ସାଧାରଣ ବଜେଟ୍ ସ୍ୱାଗତଯୋଗ୍ୟ । ଜଳ ଜୀବନ ମିଶନ୍ ଜରିଆରେ ୨୦୨୪ ପର୍ଯ୍ୟନ୍ତ ହର୍ ଘର ଜଲ୍ ଯୋଜନା ସ୍ୱାଗତଯୋଗ୍ୟ । ଏହାଦ୍ୱାରା ଗ୍ରାମୀଣ ଭାରତର ଜଳକ୍ଲିଷ୍ଟତା ଦୂରହେବ । ପ୍ରଧାନମନ୍ତ୍ରୀ କର୍ମଯୋଗୀ ମନ୍ ଧନ୍ ସ୍କିମ୍ ଜରିଆରେ ପେନ୍‌ସନ୍ ଯୋଜନା ସ୍ୱାଗତଯୋଗ୍ୟ । ତେବେ ସାଧାରଣ ବଜେଟ ଓ ରେଳ ବଜେଟ୍ ମିଳିତ ଭାବେ ଉପସ୍ଥାପନ କରାଯାଉଥିବାରୁ ଓଡିଶାକୁ ବିଶେଷକରି ପଶ୍ଚିମ ଓଡିଶାକୁ କେତେ କ'ଣ ମିଳିଛି ତାହା ସ୍ପଷ୍ଟ ହେଉନାହିଁ । କଣ୍ଟାବାଞ୍ଜିରେ ରେଳୱାଗନ କାରଖାନା ପ୍ରତିଷ୍ଠା ଓ ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପରେ କ'ଣ ଅଗ୍ରଗତି ହୋଇଛି ତାହା ଏହି ବଜେଟ୍‌ରୁ ଜଣାପଡି ନ ଥିବାରୁ ଦ୍ୱନ୍ଦ୍ୱ ଜାତ ହେଉଛି ।

**ବିଷ୍ଣୁପ୍ରସାଦ କେଡିଆ, ସାଧାରଣ ସମ୍ପାଦକ, ନାଗରିକ କମିଟି, ବଲାଙ୍ଗୀର**

### ବଜେଟରେ ମନ ଭୁଲାଣିଆ ପ୍ରତିଶ୍ରୁତି



ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ନେଇ ବଜେଟରେ କୌଣସି ନୂଆ ବ୍ୟବସ୍ଥା ନାହିଁ। ଶ୍ରମିକ ଶ୍ରେଣୀଙ୍କ ପ୍ରତି ମଧ ଆଦୌ ଧାନ ଦିଆଯାଇ ନାହିଁ। କେନ୍ଦ୍ର ସରକାର ବିକାଶ ଓ ସମୃଦ୍ଧି କଥା କହୁଥିବା ବେଳେ ବଜେଟରେ କେବଳ ମନ ଭୁଲାଣିଆ ପ୍ରତିଶ୍ରୁତି ଦିଆଯାଇଛି। ଶ୍ରମିକଙ୍କ ମଜୁରି ବୃଦ୍ଧି, ସାମାଜିକ ସୁରକ୍ଷା ନେଇ ସରକାର ପଦୁଟିଏ କହି ନାହାନ୍ତି। ଓଲଟା କେମିତି ଦେଶବାସୀଙ୍କୁ ଭୂଆଁ ବୁଲାଯାଇପାରିବ ସେନେଇ ଏଥିରେ ଭରପୂର ଉଦ୍ୟମ କରାଯାଇଛି।

**ବିଷ୍ଣୁ ପଣ୍ଡା,ଏସ୍‌ୟୁସିଆଇ ନେତା, ରାଉରକେଲା**

### ଠିକ୍ ବଜେଟ୍



ଦ୍ୱିତୀୟ ଥର କ୍ଷମତାକୁ ଆସିଥିବା ନରେନ୍ଦ୍ର ମୋଦି ସରକାରଙ୍କ ଏହି ବଜେଟରେ ଗାଁ, ଗରିବ, କିଷାନ ଓ ମହିଳାମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ପାଇଁ ନୂଆ ଶିକ୍ଷାନୀତିରେ ଅନେକ ପ୍ରସ୍ତାବ ରହିଛି। ପର୍ଯ୍ୟଟନସ୍ଥଳକୁ ବିକଶିତ କରାଯାଇ ଆଦର୍ଶ ପର୍ଯ୍ୟଟନସ୍ଥଳୀ କରାଯିବ। ଫଳରେ ବିଦେଶରୁ ଅଧିକ ପର୍ଯ୍ୟଟକ ଆସିବେ। ପ୍ରକୃତରେ ଏହି ବଜେଟ ଠିକ୍ ଅଛି ।

**ରାଜୀବ ଲୋଚନ ପ୍ରଧାନ, ଓକିଲ ସଂଘ ସଭାପତି, ଦେବଗଡ଼**

### ସବୁ ଦର ବଢ଼ିପାରେ



ବହୁ ପ୍ରତିକ୍ଷିତ ବଜେଟ ଆଶାଜନକ ଭାବେ ହୋଇପାରିନାହିଁ । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ଦର ବୃଦ୍ଧି ହେବ । ଏହାରି ଫଳରେ ମଧବିତ୍ତ ଓ ସାଧାରଣ ଜନତା ଆର୍ଥିକ କ୍ଷେତ୍ରରେ ପ୍ରଭାବିତ ହେବେ ।

**ସନ୍ତୋଷ କୁମାର ପଣ୍ଡା, ପୂର୍ବତନ ବାର୍ ଆସୋସିଏଶନ ସଭାପତି, କଳାହାଣ୍ଡି**

### ବିକାଶ ନାଁରେ ଲଲିପପ୍



ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନହିତକାରୀ ବଜେଟ ହେବାର ଥିଲା। ସରକାର ବଜେଟରେ ବିକାଶର ମନ୍ତ୍ର ଦେଇନାହାନ୍ତି। କୃଷିଜାତ ଦ୍ରବ୍ୟ ଯଥା ଧାନ, ମୁଗ, ଗହମ ଭଳି ଉତ୍ପାଦର ସର୍ବନିମ୍ନ ଦର ବୃଦ୍ଧି ଆଶାନୁରୂପ ହୋଇନାହିଁ । ଏଥିପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥାର ଆବଶ୍ୟକତା ରହିଥିଲ । ଡିଜେଲ ଦର ବୃଦ୍ଧି ଚାଷୀଙ୍କ ପାଇଁ ମଧ୍ୟ ବୋଝ ହେବ। ଚାଷ ନାଁରେ ଲଲିପପ୍ ଧରାଇଦେଇଛନ୍ତି । ଏଥିରେ ବିଭିନ୍ନ ବର୍ଗ ମଧ୍ୟରେ ଏକ ବିଭେଦ ସୃଷ୍ଟି କରାଯାଇଛି। ଏହା ବିକାଶ ନାଁରେ ବିଦ୍ରୁପ ହୋଇଛି ।

**ବିରେନ୍ଦ୍ର କୁମାର ପ୍ରଧାନ, କୃଷକ ନେତା, ନୂଆପଡ଼ା**



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ବାଇକ୍ ବାହାର କରୁଥିବା ବେଳେ ଜୀବନ ଗଲା

ବରଗଡ଼ ଅଫିସ୍,୫।୭
ବାହାରକୁ ଯିବା ପାଇଁ ଘରୁ ବାଇକ୍ ବାହାର କରୁଥିବାବେଳେ ଆକସ୍ମିକ ଭାବେ ଚଟାଣରେ ପଡ଼ିଯିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ସାଲେପାଲି ଗ୍ରାମର ବିପିନ ଷଣ୍ଢ(୩୦) । ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ବିପିନ ଘର ମଧ୍ୟରୁ ନିଜ ବାଇକ୍ ବାହାରକୁ ଆଣୁଥିଲେ। ସେତେବେଳେ ସେ ଚଟାଣରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ କିଛି ସମୟ ପରେ ସେ ଗୁରୁତର ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶୁକ୍ରବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଭାଜପାର ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ

ଜାମଟିକ୍ରା, ୫।୭ (ଡି.ଏନ.ଏ)
ଅତାବିରା ନିର୍ବାଚନ ମଣ୍ଡଳୀର କୁଲୁଣ୍ଡା ମଣ୍ଡଳର ଦେବାହାଲଠାରେ ଭାରତୀୟ ଜନତା ପାର୍ଟି ତରଫରୁ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସଙ୍ଗଠନ ପର୍ବ ସଦସ୍ୟତା ଅଭିଯାନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଭାଜପା ଜିଲା ପରିଷଦ ସଭ୍ୟ ଯୁବରାଜ ପଧାନଙ୍କ ସଭାପତିତ୍ୱରେ ଏଥିରେ ଭାଜପାର କୁଶ କୁମ୍ଭାର, ମନାପଡା ସରପଞ୍ଚ ଦୀପକ ପଧାନ, ନିରୋଜ ବାରିକ, ହିମାଂଶୁ ବିଶି, ଦଶରଥ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଅତାବିରା ନିର୍ବାଚନ ମଣ୍ଡଳୀର ୮ଟି ମଣ୍ଡଳରେ ଆସନ୍ତା ଜୁଲାଇ ୭ ତାରିଖରୁ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଚାଲିବ ବୋଲି ଜିଲା ପରିଷଦ ସଭ୍ୟ ଯୁବରାଜ ପଧାନ ସୂଚନା ଦେଇଛନ୍ତି ।

# ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର

- କଷ୍ଟ ପୂରିଲା, ଡାକ୍ତର ନିଯୁକ୍ତି ନୋହିଲା
- ସୁଧୁରୁନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁରବସ୍ଥା
- ଦାବି ପୂରଣ ନ ହେଲେ ଆନ୍ଦୋଳନ

ବିଜେପୁର, ୫।୭ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ଏଯାଏ ପୂରଣ ହୋଇ ପାରିନାହିଁ । ଦୀର୍ଘଦିନରୁ ଏହି ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ସଙ୍ଗଠନ ଦାବି କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ତେଣୁ ଏହି ଅଞ୍ଚଳର ୭ ଜଣିଆ ସଚେତନ ନାଗରିକ ମଣ୍ଡଳୀ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜୁନ ୧୮ରୁ ତିନି ଦିନ ଧରି ଆମରଣ ଅନଶନରେ ବସିଥିଲେ । ଆଗାମୀ ୭ ଦିନ ମଧ୍ୟରେ ଏଠାରେ ଦୁଇଜଣ ଡାକ୍ତର ନିଯୁକ୍ତି କରାଯିବ ବୋଲି ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଜୁନ ୨୧ତାରିଖ ରାତିରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଜିଲା ପ୍ରଶାସନର ପ୍ରତିଶ୍ରୁତିକୁ ଦୁଇ ସପ୍ତାହ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଏହା ପୂରଣ ହୋଇ ପାରି ନ ଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ଜୁନ ୨୫ତାରିଖରେ ଚିଠି ନଂ. ୧୫୨୪୮ ଅନୁସାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତିନି ଜଣ ମେଡିସିନ ବିଶେଷଜ୍ଞ ନିଯୁକ୍ତି କରାଯିବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଜ୍ଞପ୍ତି ପ୍ରକାଶନର ସାତ ଦିନ ପରେ ଜଣେ ମାତ୍ର ଡାକ୍ତର ଯୋଗଦାନ କରିଥିବା ବେଳେ ଅନ୍ୟ ଦୁଇ ଜଣ ଡାକ୍ତର ଏଠି ଯୋଗ ଦେଇ ନ ଥିବା ଜଣାପଡିଛି ।

୨୩ ପଞ୍ଚାୟତ ଓ ବିଜେପୁର ଏନଏସିକୁ ନେଇ ଗଠିତ ବିଜେପୁର ବ୍ଲକ ସମେତ ସୀମାନ୍ତ ସୋହେଲା, ଗାଇସିଲେଟ, ବରପାଲି ବ୍ଲକର ବହୁ ରୋଗୀ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି । ଚିର ମରୁଡିଗ୍ରସ୍ତ ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଏହି ବ୍ଲକବାସୀଙ୍କ ଆର୍ଥିକ ସ୍ଥିତି ସେତେ ସୁଦୃଢ଼ ନୁହେଁ । ହେଲେ ଏଠି ବିଶେଷଜ୍ଞ ଡାକ୍ତର ଅଭାବରୁ ବହୁ ରୋଗୀ ପ୍ରତିଦିନ ବରଗଡ, ସମ୍ବଲପୁର ଯାଇ ବହୁ ଖର୍ଚ୍ଚାନ୍ତରେ ପଡୁଛନ୍ତି । ୨୦୦୪ରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିବା ଏହି କେନ୍ଦ୍ରରେ ଜଣେ ଲେଖାଏଁ ମଞ୍ଜୁରୀପ୍ରାପ୍ତ ବିପିଏଚଓ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ପଦବୀ ରହିଛି । ଏଥିରେ ଜଣେ ସର୍ଜରୀ ବିଶେଷଜ୍ଞ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଉଥିବା ବେଳେ ଜଣେ ଭେଷଜ ବିଶେଷଜ୍ଞଙ୍କୁ ୭ ଦିନିଆ ଡେପୁଟେସନରେ ଥଇଥାନ କରାଯାଇଛି। ପୁଣି ଏଠି ଦୀର୍ଘ ଦିନରୁ ଜଣେ ଫାର୍ମାସିଷ୍ଟ ଓ ଲାବୋରେଟୋରୀ ଟେକ୍ନିସିଆନ ପଦବୀ ଖାଲି ପଡିଛି । ତେଣୁ ଏଠାରେ ବିଶେଷଜ୍ଞ ଡାକ୍ତର ଓ ସହଯୋଗୀ ପଦବୀ ଖାଲି ରହିଥିବା ବେଳେ କିଭଳି ରୋଗୀସେବା ଚାଲିଛି ତାହା ସହଜେ ଅନୁମେୟ । ସାମାଜିକ କର୍ମୀ ସୁଶାନ୍ତ ଗଡତିଆ କହିଛନ୍ତି ଯେ, ପ୍ରଶାସନ ତାର ପ୍ରତିଶ୍ରୁତି ପାଳନ ନ କରିବା ଅତ୍ୟନ୍ତ ଦୁଃଖର ବିଷୟ । ଦିନେ ଦୁଇ ଦିନ ମଧ୍ୟରେ ଡାକ୍ତର ନିଯୁକ୍ତି ନ ହେଲେ ସୋମବାର ସିଡିଏମଓଙ୍କୁ ସ୍ମାରକପତ୍ର ଦେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବୁ । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡା. ଶାନ୍ତନୁ କୁମାର ସାହୁଙ୍କୁ ପଚାରିବାରୁ ଗତ ବୁଧବାର ଏଠି ଜଣେ ଭେଷଜ ବିଶେଷଜ୍ଞ ଯୋଗଦାନ କରି ଛୁଟିରେ ଯାଇଛନ୍ତି । ଡାକ୍ତର ସମସ୍ୟାର ସମାଧାନ ପାଇଁ ମୁଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରିବି ବୋଲି ଡାକ୍ତର ସାହୁ କହିଛନ୍ତି ।

## ସାଲେପାଲି, ଜାମସେଠରେ ରଥଯାତ୍ରା ସମ୍ପନ୍ନ

ପାଇକମାଲ, ୫।୭(ଡି.ଏନ.ଏ)
ପାଇକମାଲ ବ୍ଲକ ସାଲେପାଲି ଗ୍ରାମ ଜଗନ୍ନାଥ ମନ୍ଦିରରୁ ଶୁକ୍ରବାର ଅପରାହ୍ଣରେ ତିନି ଠାକୁରଙ୍କୁ ପହଣ୍ଡି କରି ରଥକୁ ନିଆଯାଇଥିଲା । ପରେ ରଥକୁ ଜଗନ୍ନାଥ ମନ୍ଦିରରୁ ନୃସିଂହନାଥ ମହାପ୍ରଭୁଙ୍କ ଖମାର ସ୍ଥିତ ମାଉସୀ ମା ମନ୍ଦିରକୁ ଟଣାଯାଇଥିଲା। ଦେବେନ୍ଦ୍ର ନାରାୟଣ ପାଲ ଛେରାପହଁରା କରିଥିବା ପୂଜକ ପ୍ରଦୀପ ସତପଥୀ, ରାଜ ନାରାୟଣ ପୁରୋହିତ, ପିଣ୍ଟୁ ଦେବତା, ନୀଳମଣି ପୁରୋହିତ, ରାଜେଶ ପୁରୋହିତ ସହଯୋଗ କରିଥିଲେ। ସେହିପରି ଜାମସେଠରେ ମଧ୍ୟ ଶୁକ୍ରବାର ରଥଯାତ୍ରା ପାଳିତ ହୋଇଛି ।



ଠାକୁରଙ୍କୁ ପହଣ୍ଡି କରି ନିଆଯାଉଛି ।

- ଭିନ୍ନ ଏକ ପରମ୍ପରା

## ବାସି ରଥଯାତ୍ରାରେ ଯାଆନ୍ତି ମହାବାହୁ

ଜହ୍ନାପଙ୍କ, ୫।୭ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରରେ ଗୁରୁବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳେ ନୀତିକାନ୍ତି ପରେ ଅପରାହ୍ଣ ୩ଟାରେ ଶ୍ରୀ ଜଗନ୍ନାଥଙ୍କୁ ଧାଡି ପହଣ୍ଡିରେ ନିଆଯାଇଥିଲା। ବ୍ରାହ୍ମଣମାନେ ଠାକୁରଙ୍କୁ ପହଣ୍ଡି କରିଥିଲେ । ପହଣ୍ଡି ବେଳେ ବିଭିନ୍ନ ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ କରି ଭଗବାନଙ୍କୁ ରଥାରୂଢ଼ କରିଥିଲେ। ପରେ ଏ ଅଞ୍ଚଳର ଅନ୍ୟ ଏକ ପରମ୍ପରା ରଥ ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ସାଢ଼େ ୫ଟାରେ ରଥଟଣା ହୋଇଥିବା ବେଳେ ରାତି ୭ଟାରେ ହରିବଂଶ ଛକଠାରେ ରଥ ଅଟକିଥିଲା। ଶୁକ୍ରବାର ହରିବଂଶ ଛକଠାରୁ ଗଙ୍ଗାଧର ମେହେର ଛକ ମାଉସୀ ମନ୍ଦିର ଛକ ଦେଇ ତ୍ରିବେଣୀଶ୍ୱରୀ ଛକ ନିକଟରେ ରଥ ପହଞ୍ଚିଥିଲା । ରଥରୁ ଶ୍ରୀଜୀଉଙ୍କୁ ମାଉସୀ ମନ୍ଦିରକୁ ନିଆଯାଇଥିଲା। ସେଠାରେ ଶ୍ରୀଜୀଉ ୧୦ ଦିନରେ ଦଶ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେବା ପରେ ୧୨ ତାରିଖରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ। ଜନଶ୍ରୁତି ଅନୁସାରେ, ଏହି ବାସି ରଥ ଓ ବାସି ବାହୁଡାଯାତ୍ରା କାହିଁ କେଉଁ ଦିନରୁ ପାଳିତ ହୋଇଆସୁଛି। ନାରାୟଣନଗର ସମେତ ବୁଟୁପାଲି, ନାଏକପଡା, ବାଘପାଲି ଆଦି ଅଞ୍ଚଳରେ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ରଥାରୂଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଭକ୍ତମାନଙ୍କ ପ୍ରବଳ ଗହଳି ହୋଇଥିଲା। ଗହଳିକୁ ଦୃଷ୍ଟିରେ ରଖି ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି, ବ୍ରାହ୍ମଣ ସମାଜ, ପୋଲିସ ପ୍ରଶାସନ ଓ ଜନସାଧାରଣ ସହଯୋଗ କରିଥିଲେ ।

ବୌଦ୍ଧ,୫।୭(ସ୍ୱ.ପ୍ର)
ବୌଦ୍ଧ ଜିଲାର ବହୁ ସ୍ଥାନରେ ଦ୍ୱିତୀୟା ତିଥି ଗୁରୁବାର ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ମଧ୍ୟ ବହୁ ସ୍ଥାନରେ ପାଳିତ ହୋଇଛି। ବୌଦ୍ଧ ସହରର ବୁଟୁପାଲି, ସାହାଜପାଲ, ବଘିଆପଡା, ବାଉଁଶୁଣୀ, କରଞ୍ଜକଟା ଆଦି ଗ୍ରାମରେ ତୃତୀୟା ତିଥିରେ ଶୁକ୍ରବାର ପାଳିତ ହୋଇଛି ବାସି ରଥଯାତ୍ରା। ବୌଦ୍ଧ ରଥଯାତ୍ରାର ଗୁରୁତ୍ୱ ବୃଦ୍ଧି ସକାଶେ ରାଜାଙ୍କ ନିର୍ଦ୍ଦେଶକ୍ରମେ କେଉଁ ଆବହମାନ କାଳରୁ ପ୍ରଚଳିତ ପ୍ରଥା ପ୍ରକାରେ ଏହା ପାଳିତ ହୋଇଆସୁଛି। ରଥଯାତ୍ରା ପାଇଁ ଜଗନ୍ନାଥ ମନ୍ଦିର ଗୁଡିକରେ ସକାଳେ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ମନ୍ଦିରରୁ ବାହାରକୁ ଅଣାଯାଇ ଧାଡି ପହଣ୍ଡି କରାଯାଇଥିଲା। ବ୍ରାହ୍ମଣମାନେ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୁଢ଼ କରିଥିଲେ । ପରମ୍ପରା ଅନୁସାରେ ନବଜାତ ଶିଶୁମାନଙ୍କ ରଥ ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହାଜପାଲ ଠାରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହୋଇଥିବା ବେଳେ ବୁଟୁପାଲି ଠାରେ ସନ୍ଧ୍ୟା ୬ଟାରେ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ଫରେଷ୍ଟ ଚେକ ଗେଟ ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଟଣା ଯାଇଥିଲା ।

# ୱେସ୍କୋ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍,୫।୭

ବରଗଡ଼ ବିଦ୍ୟୁତ ଉପଭୋକ୍ତା ସଂଘ ବିଭିନ୍ନ ଦାବି ନେଇ ଶୁକ୍ରବାର ସ୍ଥାନୀୟ ଗାନ୍ଧୀଛକ ନିକଟ ୱେସ୍କୋ ଅଫିସ ଆଗରେ ଧାରଣା ଦେଇଛି । ବିଦ୍ୟୁତ ବିଭ୍ରାଟର ସମ୍ପୂର୍ଣ୍ଣ ନିରାକରଣ, ଅଣସୁରକ୍ଷିତ ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ କିମ୍ବା ସୁରକ୍ଷା ବ୍ୟବସ୍ଥା, ଉପଭୋକ୍ତାଙ୍କ ପାଇ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ, ବିଦ୍ୟୁତ ସେବାକେନ୍ଦ୍ରରେ କାର୍ଡ ପେମେଣ୍ଟରେ ୧ପ୍ରତିଶତ ଅଧିକ ଅସୁଲି ବନ୍ଦ, ମିଟର ଭଡ଼ା ନେବା ବନ୍ଦ, ବକେୟା ବିଲ ଆଦାୟ କ୍ଷେତ୍ରରେ ପରିଚୟ ନ ଥିବା ବ୍ୟକ୍ତିଙ୍କ ଦାଦାଗିରି ଉଚ୍ଛେଦ, ଅନାଦେୟ ବିଦ୍ୟୁତ ବିଲ ଆଦାୟ କ୍ଷେତ୍ରରେ ଓଟିଏସ(ଏକକାଳୀନ ସମାଧାନ) ଲାଗୁ, କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟାରେ ବୃଦ୍ଧି ଏବଂ ଆଇପିଡିଏସ ଯୋଜନାରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ ଦାବିରେ ଏହି ଧାରଣା ଦିଆଯାଇଛି । ଧାରଣାସ୍ଥଳକୁ ୱେସ୍କୋର ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ ପହଞ୍ଚିବା ପରେ



ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

### ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ସଂଘ ପକ୍ଷରୁ ଉପରୋକ୍ତ ଦାବି ନେଇ ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଧାରଣାରେ ସଂଘର ଉପସଭାପତି ବିଷ୍ଣୁ ଚରଣ ଦାଶ, ସମ୍ପାଦକ ପ୍ରୀତମ ସିଂ, ପ୍ରମୋଦ ଝାଙ୍କର, କମଳ ଯୋଷୀ, ଲିପସିତ୍ ମିଶ୍ର, ମିନାକ୍ଷୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଆପ୍ ନେତା ଅମିତାଭ ପାତ୍ର ସେଠାକୁ ପହଞ୍ଚି ଧାରଣାକୁ ସମର୍ଥନ ଜଣାଇଥିଲେ ।

## ଏଟିଏମରୁ ଚୋରି ଉଦ୍ୟମ

ଝାରବନ୍ଧ, ୫।୭ (ଡି.ଏନ.ଏ)

ଝାରବନ୍ଧ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିସରରେ ଥିବା ଏଟିଏମରୁ ଚୋରି ଉଦ୍ୟମ ହୋଇଛି । ଗୁରୁବାର ରାତ୍ରିରେ ଲାଇନ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଟିଏମକୁ ଶାବଳରେ ଭାଙ୍ଗି ଟଙ୍କା ନେବା ପାଇଁ ଉଦ୍ୟମ କରିଥିଲେ। ହେଲେ ଟଙ୍କା ଥିବା ବାକ୍ସ ଭାଙ୍ଗି ନ ପାରିବାରୁ ନିରାଶ ହୋଇ ପଳାଇ ଯାଇଥିଲେ । ଏହି ଏଟିଏମରେ କୌଣସି ପ୍ରକାର ସିକ୍ୟୁରିଟି ଗାର୍ଡ ନାହିଁ । ସିସିଟିଭି ସବୁବେଳେ ଅଚଳ ରହୁଛି । ଏଥିପ୍ରତି ବ୍ୟାଙ୍କ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଦାବି ହେଉଛି ।

## ଓଡିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସରେ ପ୍ରତିଯୋଗିତା

ବୌଦ୍ଧ,୫।୭(ସ୍ୱ.ପ୍ର)

ଓଡିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ଅବସରରେ ଜିଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାହିତ୍ୟ ପ୍ରତିଯୋଗିତା ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଅତିରିକ୍ତ ଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡିଆ ସାହିତ୍ୟର ଯେପରି ବିକାଶ ହୋଇପାରିବ ତାହା ଉପରେ ଜିଲାପାଳ ମିଶ୍ର ଗୁରୁତାରୋପ କରିଥିଲେ। ଏହାସହ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ । ବୌଦ୍ଧ ଏନଏନମ ତାଲିମ କେନ୍ଦ୍ର ଅଧ୍ୟକ୍ଷା ରୀତାଞ୍ଜଳି ସ୍ୱାଇଁ, ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ସିଆରସିସି ସନ୍ତୋଷ କୁମାର କର୍ଣ୍ଣ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ନୀଳଲୋହିତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବୈଠକ

ପୁରୁଣାକଟକ,୫।୭(ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଭା ଗୃହରେ ଶୁକ୍ରବାର ଜିଲା ପଞ୍ଚାୟତ ଅଧିକାରୀଙ୍କ ସହିତ ବ୍ଲକସ୍ତରୀୟ ପିଇଓମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥି, ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା, ଜିପିଓ ମଦନମୋହନ ମୁଦୁଲି ତଥା ବିଭିନ୍ନ ପଞ୍ଚାୟତର ଇଓମାନେ ଯୋଗଦାନ କରିଥିଲେ । ବୈଠକ ପ୍ରାରମ୍ଭରେ ଡିପିଓ ପଞ୍ଚାୟତ ନିୟମାବଳୀ ବିଷୟରେ ଅବଗତ କରାଇବା ସହିତ ଚର୍ତୁଦଶ ଅର୍ଥ କମିଶନ ପାଣ୍ଠି ଏବଂ ସିଏଫସି ଅନୁଦାନ ପଞ୍ଚାୟତଗୁଡିକରେ ନିୟମ ଅନୁସାରେ କାମ କରାଯାଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏହା ସହିତ ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସରକାରୀ ଅନୁଦାନର ନିୟମ ଅନୁସାରେ କାର୍ଯ୍ୟକାରୀ କରାଯିବା ପାଇଁ ପରାମର୍ଶ ଦେଇଥିଲେ । ବିଶେଷକରି ଆକ୍ସନ ପ୍ଲାନ ଅନୁସାରେ ଖସଡା ପ୍ରସ୍ତୁତ କରାଯିବା ସହିତ ପଞ୍ଚାୟତରେ ସମସ୍ତ ସରକାରୀ ଅର୍ଥର ସୁବିନିଯୋଗ ଏବଂ କାର୍ଯ୍ୟକାରିତା ପାଇଁ ତାଗିଦ୍ କରିଥିଲେ। ୨୦୧୭ରୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତରେ ଥିବା ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ସ୍କୁଲଗୁଡିକର ମରାମତି ଆବାଶ୍ୟକ ସ୍ଥଳେ ପାଚେରୀ ନିର୍ମାଣକୁ ଗୁରୁତ୍ୱ ଦେବାକୁ କହିଥିଲେ । ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ସମସ୍ତ ଇଓ ଉପସ୍ଥିତ ଥିଲେ ।

## ଶ୍ରୀଅରବିନ୍ଦ ସ୍କୁଲରେ ବନ ମହୋତ୍ସବ



ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ବୃକ୍ଷରୋପଣ କରାଯାଉଛି ।

ସୋହେଲା,୫।୭(ଡି.ଏନ.ଏ)
ସୋହେଲା ବ୍ଲକ ପଣ୍ଡକିପାଲି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବନ ବିଭାଗ ପକ୍ଷରୁ ୭୦ତମ ବନ ମହୋତ୍ସବ ପାଳନ କରାଯାଇଥିଲା । ଏଥିରେ ସ୍କୁଲ ପରିଚାଳନା ସମିତିର ସଦସ୍ୟ ଘନଶ୍ୟାମ ସାହୁ, ତରଣୀସେନ ବିଶ୍ୱାଳ ଓ ଘନଶ୍ୟାମ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସ୍କୁଲ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବୃକ୍ଷରୋପଣର ଆବଶ୍ୟକତା ଓ ଉପକାରିତା ଉପରେ ସୋହେଲା ସେକ୍ସନର ବନପାଳ ରମାକାନ୍ତ ସାହୁ ବକ୍ତବ୍ୟ ଦେଇଥିଲେ। ଚଳିତବର୍ଷ ବନ ବିଭାଗ ତରଫରୁ ସୋହେଲା ନର୍ସରୀଠାରେ ଜଣଙ୍କୁ ମାଗଣାରେ ୧୦ଟି ଓ ଅନୁଷ୍ଠାନକୁ ଶହେଟି ଚାରା ବଣ୍ଟନ କରାଯାଉଥିବା ବନପାଳ ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ସ୍କୁଲ କ୍ୟାମ୍ପସ ମଧ୍ୟରେ ଛାତ୍ରଛାତ୍ରୀ, ଅତିଥି ଓ ବନ କର୍ମଚାରୀମାନେ ଆମ୍ବ, ଜାମୁ, ବଉଳ, ପଣସ, ସାଗୁଆନ, ନିମ୍ବ, ଛତିଆନ, ସିମାରୁବା ଆଦି ୫୦ଟି ଚାରାରୋପଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ଜଙ୍ଗଲ ଉନ୍ନୟନ ପ୍ରକଳ୍ପ ୨ର ତାଲିମ ଶିବିର

ଘଣ୍ଟାପଡା, ୫।୭ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବନ କ୍ଷେତ୍ରାଞ୍ଚଳର ନାରାୟଣପ୍ରସାଦ ଗ୍ରାମପଞ୍ଚାୟତ ଅଧୀନ ସଥ ସମାକୁପା ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟର ଓଡିଶା ରାଜ୍ୟ ଜଙ୍ଗଲ ଉନ୍ନୟନ ପ୍ରକଳ୍ପ ତରଫରୁ ୫ଟି ବନ ସୁରକ୍ଷା ସମିତିର ଭିଏସଏସର ସଦସ୍ୟା ସଦସ୍ୟଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ତାଲିମ ପ୍ରଦାନ କରାଯାଇଛି । ୨୦୧୭–୧୮ରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟରେ କଣ୍ଟାମାଳ ବନ କ୍ଷେତ୍ରରେ ୨୦ଟି ଭିଏସଏସ ଗଠନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି ଭିଏସଏସକୁ ତାଲିମ ପ୍ରଦାନ ଦିଆଯାଉଛି । ଶୁକ୍ରବାର ତାଲିମ ଶିବିରରେ ବୌଦ୍ଧ ବନ କ୍ଷେତ୍ରରେ ଏସିଏଫ ଦିଲୀପ କୁମାର ସିଂ, କଣ୍ଟାମାଳ ବନ କ୍ଷେତ୍ରପାଳ ଦିଲୀପ କୁମାର ଦିଗାଲ, କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ, ଉପସଭାପତି ପ୍ରଭାତ କୁମାର ସାହୁ ଯୋଗଦେଇ ଉପସ୍ଥିତ ସଦସ୍ୟା ସଦସ୍ୟଙ୍କୁ ପ୍ରକଳ୍ପର ଉଦ୍ଦେଶ୍ୟ ଓ ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ବୌଦ୍ଧ ଡିଭିଜନ ପରିଚାଳନା ଏକକ ଅଧିକାରୀ ସୁରେନ୍ଦ୍ର କୁମାର ମେହେର, କଣ୍ଟାମାଳ ବ୍ଲକ କ୍ଷେତ୍ରାଞ୍ଚଳ ପରିଚାଳନା ଏକକର ସମସ୍ତ ପ୍ରକଳ୍ପ କାର୍ଯ୍ୟକର୍ତ୍ତା ତାଲିମ ପ୍ରଦାନ କରିଥିଲେ ।


**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**
ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com
**ନାମଲେଖା ବିଜ୍ଞାପନ**
ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯–୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।
Sd./- Principal, Chikiti Mahavidyalaya, Chikiti (Gm.)



बैंक ऑफ़ बड़ौदा
Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**
**ବ୍ୟାଙ୍କ ଅଫ ବରୋଦା** ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।
ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ — ୨୦୦୦ ବର୍ଗଫୁଟ
ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
**ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ଣ ୫.୦୦ ଘଟିକା ପର୍ଯ୍ୟନ୍ତ।**
ଉପ-ମହାପ୍ରବନ୍ଧକ


- ପ୍ରଶାସନକୁ ଜଣାଇବା ସତ୍ତ୍ୱେ ସୁଫଳ ମିଳିଲାନି

# ଛାତ୍ରମାନେ କଲେ ରାସ୍ତା ମରାମତି

ଅତାବିରା, ୫।୭ (ଡି.ଏନ.ଏ)

ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତ ନାଇକେନପାଲି ଶ୍ରୀରାମନଗର ରାସ୍ତାକୁ ଶେଷରେ ଛାତ୍ରମାନେ ମରାମତି କରିଛନ୍ତି। ଏହି ରାସ୍ତାକୁ ମରାମତି କରିବା ପାଇଁ ଗ୍ରାମବାସୀ ବର୍ଷେ ହେଲା ପ୍ରଶାସନକୁ ଜଣାଇଆସୁଥିବାବେଳେ କୌଣସି ସୁଫଳ ମିଳି ନ ଥିଲା । ବର୍ଷାରେ ରାସ୍ତା ସାରା କାଦୁଅ ହୋଇ ଯାଇଥିବାରୁ ସ୍କୁଲ, କଲେଜକୁ ପାଠ ପଢ଼ିବାକୁ ଯାଉଥିବା ଛାତ୍ରମାନେ ଅସୁବିଧା ଭୋଗୁଥିଲେ। ରାସ୍ତାଘାଟର ଶୋଚନୀୟତା ଦେଖି ନାଇକେନପାଲି ଗ୍ରାମର ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନେ ଗୁରୁବାର ହାତରେ କୋଡି, କୋଦାଳ, ଡାଲା ଭାର ଧରି ୧ କିମି ରାସ୍ତା ମରାମତି କରିଥିଲେ । ଏ ନେଇ କାଦୋବାହାଲ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ବେହେରାଙ୍କୁ ପଚରାଯିବାରୁ ରାସ୍ତା ନିର୍ମାଣ କରିବା ପାଇଁ ଆଉ ପଞ୍ଚାୟତକୁ ଅନୁଦାନ ଆସୁନାହିଁ । ଅସ୍ଥାୟୀ ଭାବେ ପଞ୍ଚାୟତ ଫଣ୍ଡରୁ ମରାମତି କରାଯିବ ବୋଲି ସେ କହିଥିଲେ। ସେହିପରି ଗତ ବର୍ଷ ଉକ୍ତ ରାସ୍ତାରେ ୫୦ ଟ୍ରିପ୍ ମାଟି ଓ ବାଲି ପକାଯାଇଥିବା ସରପଞ୍ଚ ପଦ୍ମଲୟା କଲେତ କୁହନ୍ତି । ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ଏହି ରାସ୍ତା ଅବସ୍ଥା ବିଷୟରେ ତଦନ୍ତ କରି ତୁରନ୍ତ ରାସ୍ତା ମରାମତି ଓ ନିର୍ମାଣ କରିବାକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ଛାତ୍ରମାନେ ନାଇକେନପାଲି ରାସ୍ତାକୁ ମରାମତି କରୁଛନ୍ତି ।


**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
**(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର),** ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍, ଗରାବନ୍ଧୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର ।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା-ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲ (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍ଆରଓ- ଖଣ୍ଡଗିରି, ଚଉହଦି: ଉତ୍ତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧ । (୨)ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମର ଅଛି । | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯**
**କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୬ ଜୁଲାଇ, ୨୦୧୯



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



**ସଂକ୍ଷେପରେ**

## ମରାମତି ହେଉନି ବୁର୍ଡା-ନଅଗାଁ(ଖ) ରାସ୍ତା

**ଲୋଇସିଂହା,୫।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବୁର୍ଡାରୁ ନଅଗାଁ(ଖ)କୁ ଯାଇଥିବା ରାସ୍ତା ଏବେ ମାରମତି ଅଭାବରୁ ବିପଦ ସଙ୍କୁଳ ହୋଇ ପଡିଛି । ଏହି ରାସ୍ତାରେ ଯାତାୟାତ କରୁଥିବା ଆଗଲପୁର ବ୍ଲକ ନଅଗାଁ(ଖ), ସାନଟିକା, ଦାସପାଲି, ବୁରୋଭାଡି, ବଟଡିକା, ଛାଏଛାପର ପ୍ରଭୃତି ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନଠାରୁ ଆରମ୍ଭ କରି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଅନେକଥର ଜଣାଇଥିଲେ ମଧ୍ୟ ପକ୍କା ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆ ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ବୁର୍ଡାଠାରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ମାତ୍ର ୩ କିମି ରାସ୍ତା । ଦୀଘବର୍ଷ ହେଲା ଏହି ରାସ୍ତା ଅବହେଳିତ ହୋଇ ପଡି ରହିଛି । ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟିବା ସହ ରୋଗୀମାନଙ୍କୁ ଯିବା ଆସିବାରେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଉକ୍ତ ରାସ୍ତାରେ ମାଟି ପକାଇବା ପରେ ସମସ୍ୟା ଦ୍ୱିଗୁଣିତ ହୋଇଛି ।

## ମାଉସୀ ମନ୍ଦିରକୁ ବିଜେ କଲେ ତିନିଠାକୁର

**ଟିଟିଲାଗଡ, ୫।୭ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ଧବଳେଶ୍ୱର ଦଧିବାମନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ରଥଯାତ୍ରା ଉତ୍ସବ ଅବସରରେ ଦୁଇଦିନ ଧରି ରଥ ଟଣା ହୋଇ ଶୁକ୍ରବାର ତିନି ଠାକୁର ମାଉସୀ ମା' ଘରେ ପହଞ୍ଚିଛନ୍ତି। ଯାତ୍ରା ଅବସରରେ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ତଥା ହଜାରହଜାର ଭକ୍ତଙ୍କ ହରିବୋଲ, ହୁଳହୁଳି ନାଦରେ ସନ୍ଧ୍ୟା ୫ଟାରେ ତିନି ଠାକୁର ରଥାରଢ ହୋଇଥିଲେ। ସେଠାରୁ ବ୍ୟାଙ୍କ ଛକକୁ ରଥ ପହଞ୍ଚିବା ପରେ ରାତ୍ରି ୮ଟାରେ ରଥ ଟଣା ବନ୍ଦ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ରଥ ଆସି ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି। ଏହି ଅବସରରେ ରାଜ୍ୟ ମହିଳା, ଶିଶୁବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ମନ୍ଦିର ଟ୍ରଷ୍ଟ ଅଧକ୍ଷ ତଥା ଉପଜିଲାପାଳ ସୁଧାକର ନାୟକ, ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ବରିଷ୍ଠ ସଭ୍ୟ ଭବାନୀ ପ୍ରସାଦ ହୋତା, ବୃନ୍ଦାବନ ପାଢୀ, ଅଲେଖ ଦଲବେହେରା ପ୍ରମୁଖ ବହୁ ଭକ୍ତ, ସେବାୟତ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଭାବରେ ଅସ୍ଥାୟୀ ସୂଚନା ପ୍ରଦାନ କେନ୍ଦ୍ର ଖୋଲାଯାଇଥିଲା। ଜଗନ୍ନାଥ ସେବା ସଦନର ଯୁବ ସ୍ୱେଚ୍ଛାସେବୀ ରଥ ସୁରକ୍ଷା ଦାୟିତ୍ୱ ସମ୍ପନ୍ନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ବଳ ଆଇନଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିଥିଲେ।

# ଟାର୍ଗେଟ ନ ଥିବାରୁ ଧାନକ୍ରୟ ବନ୍ଦ

**ଦେଓଗାଁ, ୫।୭(ଡି.ଏନ.ଏ.)**

- ବାହାର ଜିଲାରୁ ଆସୁଛି ହଜାରହଜାର କୁଇଣ୍ଟାଲ ଧାନ
- ଗଜାଧାନ ଧରି ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ



କୁଠୁର୍ଲାର ଚାଷୀମାନେ ଗଜା ହୋଇଯାଇଥିବା ଧାନକୁ ଧରି ଜିଲା ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି ।

ବଲାଙ୍ଗୀର ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ ଅନ୍ତର୍ଗତ କୁଠୁର୍ଲାର ଅନେକ ଚାଷୀ ରବିଧାନ ଚାଷ କରି ବିକ୍ରି କରିପାରୁ ନାହାନ୍ତି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଜଣାଇଲା ପରେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶେଷରେ ଚାଷୀମାନେ ଗଜାଧାନ ଧରି ଶୁକ୍ରବାର ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ଗାଁର ୧୫ରୁ ଉର୍ଦ୍ଧ୍ୱ ଚାଷୀ ରବି ସିଜିନରେ ଧାନଚାଷ କରିଥିଲେ । କୁଠୁର୍ଲା କୃଷି ସେବା ସମବାୟ ସମିତିରେ ମଣ୍ଡି ଆରମ୍ଭ ହେଲେ ଉତ୍ପାଦିତ ଧାନକୁ ବିକ୍ରୟ କରିବେ ବୋଲି ଆଶାବାନ୍ଧି ଥିଲେ। ହେଲେ ଅଦ୍ୟାବଧି ପ୍ୟାକ୍ସକୁ ଟାର୍ଗେଟ ଦିଆ ନ ଯିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଇତ୍ୟବସରେ ମୌସୁମୀ ବର୍ଷା ହେବାରୁ ଯେଉଁ ଚାଷୀଙ୍କ ଘରେ ଗଚ୍ଛିତ ରଖିବା ପାଇଁ ଜାଗାନାହିଁ ସେମାନଙ୍କ ଧାନ ବର୍ଷାରେ ଭିଜି ଗଜା ହୋଇଯାଇଛି। ଶେଷରେ ଚାଷୀମାନେ ଅନ୍ୟୋନୋପାୟ ହୋଇ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଧାନକ୍ରୟ ପାଇଁ ଟାର୍ଗେଟ ପ୍ରଦାନ କରିବା ପାଇଁ ଲିଖିତ ଅନୁରୋଧ କରିଥିଲେ । ହେଲେ ଜିଲା ଯୋଗାଣ ଅଫିସ ତରଫରୁ ଟାର୍ଗେଟ ଆସି ନ ଥିବାରୁ ଧାନକ୍ରୟ ହୋଇପାରିବ ନାହି ବୋଲି ଉତ୍ତର ଆସିବାରୁ ନିରାଶାରେ ଫେରିଥିବା ଚାଷୀ ଗୋପବନ୍ଧୁ ପାତ୍ର, ଟଙ୍କଧର କର୍ମୀ, ଅତି ମଙ୍ଗାଲ, ନେହେରୁ ପାତ୍ର, ଭଗ ମାହାକୁର, ନରହରି ପାତ୍ର, ବଳଦେବ ଖମାରୀ, ବାହାଦୁର ମାହାକୁର, କନ୍ଦର୍ପ ପଧାନ କହିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଚାଷୀଙ୍କ ଉପାର୍ଜିତ ଧାନକୁ ପ୍ରଶାସନ କ୍ରୟ ନକରି ଚଳିତବର୍ଷ ବାହାର ଜିଲାର ହଜାର ହଜାର କୁଇଣ୍ଟାଲ ଧାନକୁ କାହିଁକି ସ୍ଥାନୀୟ ଧାନ ମିଲମାନଙ୍କୁ ଅଣାଯାଉଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ବର୍ତ୍ତମାନ ସେମାନେ ଧାର କରଜ କରି ଉପାର୍ଜିତ ଧାନକୁ ନା ଘରେ ରଖିପାରୁଛନ୍ତି ନା କାହା ହାତକୁ ଟେକି ଦେଇ ପାରୁଛନ୍ତି । ଘରେ ରହି ବର୍ଷାପାଣିରେ ଭିଜି ଗଜାହୋଇ ନଷ୍ଟ ହୋଇଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । କେମିତି ଧାର କରଜ କରିଥିବା ଟଙ୍କା ଶୁଝିବେ ଓ ପୁଣି ଖରିଫ ଧାନଚାଷ ଆରମ୍ଭ କରିବେ ସେନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଏଣୁ ଚାଷୀଙ୍କ ଗଚ୍ଛିତ ଧାନକୁ ସରକାରୀ ସୂତ୍ରରେ କ୍ରୟ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏ ନେଇ ଜିଲା ଯୋଗାଣ ଅଧିକାରୀ ଅଭିରାମ ପଧାନଙ୍କୁ ପଚାରିବାରୁ ଚଳିତବର୍ଷ କମ୍ ଟାର୍ଗେଟ ଆସିଥିବାରୁ ଏଭିଳି ସମସ୍ୟା ଦେଖାଦେଇଛି। କୋରାପୁଟ ଜିଲାର ସରପ୍ଲସ ଧାନକୁ ସରକାରୀ ନିର୍ଦ୍ଦେଶ ରହିଥିବାରୁ ମିଲମାନଙ୍କ ଅଣାଯାଇଛି ବୋଲି କହିଥିଲେ ।

## କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ସମସ୍ୟା ନେଇ ଆଲୋଚନା

**କଣ୍ଟାବାଞ୍ଜି, ୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ କରିବା ଦାବି ନେଇ ଶୁକ୍ରବାର ବିଜେଡି ନେତା ଅଜୟ ଦାସ ମେଡିକାଲ ଅଫିସର ଡା.ପ୍ରଦ୍ୟୁମ୍ନ କିଶୋର ପାତ୍ରଙ୍କ ସହ ସନ୍ଧ୍ୟାରେ ଆଲୋଚନା କରିଥିଲେ। ଡାକ୍ତରଖାନାରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି । ଡାକ୍ତରଖାନାରେ ଆବଶ୍ୟକ ଅନୁଯାୟୀ ଡାକ୍ତର ନାହାନ୍ତି। ମା' ଓ ପ୍ରସୂତି ବିଭାଗ ଗୃହ ଉଦ୍‌ଘାଟନର ଏକବର୍ଷ ବିତି ଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଶନିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବଲାଙ୍ଗୀର ଗସ୍ତରେ ଆସୁଥିବାରୁ କଣ୍ଟାବାଞ୍ଜି ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ତାଙ୍କୁ ଅବଗତ କରାଯିବ ବୋଲି ଦାସ କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡି ଜିଲା ଉପସଭାପତି ବିଜୟ କୁମାର ବଂଶଲ, ଭୁବନାନନ୍ଦ ମହାନ୍ତି, ଚିତ୍ରଭାନୁ ବେହେରା ପ୍ରମୁକ ଉପସ୍ଥିତ ଥିଲେ ।

# ଦାଦନ ଖଟିବାକୁ ଯାଇ ଯୁବକ ମୃତ

**ଲୋଇସିଂହା, ୫।୭(ଡି.ଏନ.ଏ.)**

- ମା'ଙ୍କ ଚିକିତ୍ସା ଅର୍ଥ ଯୋଗାଡ ପାଇଁ ଯାଇ ନିଜ ଜୀବନ ହରାଇଲେ
- ମୃତ୍ୟୁ ପରେ ପରିବାର ଅସହାୟ



ରାଜକିଶୋର ବିଶ୍ୱାଳ

ରୋଗୀଣା ମା'ର ଚିକିତ୍ସା ଏବଂ ଭଉଣୀ ବାହାଘର ଋଣ ଟଙ୍କା ପରିଶୋଧ ଆଶା ନେଇ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପାରିଡୁଙ୍ଗରୀ ଗ୍ରାମର ରାଜକିଶୋର ବିଶ୍ୱାଳ(୨୧) ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ । ହେଲେ ସେହି ସ୍ୱପ୍ନ ତାଙ୍କର ଅଧୁରା ରହିଗଲା। ଟଙ୍କା ରୋଜଗାର ଦୂରେ ଥାଉ ଜୀବନ ନେଇ ଫେରି ପାରିଲେନି, ଆସିଲା ତାଙ୍କ ମୃତଦେହ। ଶୋକାକୁଳ ପରିବେଶରେ ଶୁକ୍ରବାର ସକାଳେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏବେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ତାଙ୍କ ପରିବାର ।

ଲୋଇସିଂହା ଥାନା ଆଗଲପୁର ବ୍ଲକ ପଟୁଆପାଲି ପଞ୍ଚାୟତ ଅଧୀନ ପାରିଡୁଙ୍ଗରୀ ଗାଁର ବୈଦ୍ୟନାଥ ବିଶ୍ୱାଳଙ୍କ ପୁଅ ରାଜକିଶୋର। ବୈଦ୍ୟନାଥ ମୂଲମଜୁରି କରି ପରିବାର ଚଳାନ୍ତି। ମା ବୈଦେହୀ ରୋଗଶଯ୍ୟାରେ ପଡିଛନ୍ତି। ନିକଟରେ ଭଉଣୀର ବାହାଘର ସରିଯାଇଛି । ଧାରଉଧାର କରି ଭଉଣୀ ବାହାଘର ହୋଇଥିଲା। ରୋଗୀଣା ମା'ଙ୍କ ଚିକିତ୍ସା ଏବଂ ଭଉଣୀ ବାହାଘର ପାଇଁ ହୋଇଥିବା ଋଣ ପରିଶୋଧ ଚିନ୍ତାରେ ଥିଲେ ରାଜକିଶୋର । ଦିନ ମଜୁରୀ କରି ଏତେ ଟଙ୍କା ଯୋଗାଡ କରିବା ତାଙ୍କପକ୍ଷେ କଷ୍ଟସାଧ୍ୟ ହୋଇ ପଡିଥିଲା । ବାଧ୍ୟ ହୋଇ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ । ତ୍ରିପୁର ଜିଲା ଚେରୁଆ ଥାନା କରୁପାସାମୀ କମ୍ପାନୀରେ ସେ କାମ କରୁଥିଲେ । ଗତ ୧ ତାରିଖରେ ତାଙ୍କର ସେଠାରେ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ସାଥୀମାନେ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ସାଥୀରେ କାମ କରୁଥିବା ଶ୍ରମିକମାନେ ମୃତଦେହ ଧରି ସକାଳେ ଏଠାରେ ଆସି ପହଞ୍ଚିଥିଲା । ଅସହାୟ ପରିବାରକୁ ସହାୟତା ଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯିବା ଘଟଣା ଗାଁରେ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା କହିଛନ୍ତି ଯେ, ରାଜକିଶୋରଙ୍କ ମୃତ୍ୟୁ ସଂକ୍ରାନ୍ତରେ ଜଣାପଡିବା ପରେ ଗାଁକୁ ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଶ୍ରମ ବିଭାଗରୁ ଜଣେ ଅଧିକାରୀ ଆସିଥିଲେ ସୁଦ୍ଧା କୌଣସି ସହାୟତା ସମ୍ପର୍କରେ କୌଣସି ପ୍ରତିଶ୍ରୁତି ନଦେବା ପରିତାପର ବିଷୟ। ଜିଲାରେ କୌଣସି ଶିଳ୍ପ କାରଖାନା ନଥିବାରୁ ସ୍ଥାନୀୟ ଯୁବକମାନେ ଜିଲା ତଥା ଜିଲା ବାହାରକୁ ଦାଦନ ଖଟିବାକୁ ଯାଇ ପ୍ରାଣହାନୀ ଘଟୁଛି । ରାଜକିଶୋରଙ୍କ ପରିବାରକୁ ରାଜ୍ୟ ସରକାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

**ସଇଁତଲା, ୫।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ବେଲଗାଁ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ବିଶ୍ରାମ ନେଇଥିବା ଜଣେ ଟ୍ରକ ଡ୍ରାଇଭରଙ୍କୁ ଛୁରା ମାରି ୬ ହଜାର ଟଙ୍କା ଲୁଟ୍ ହୋଇଥିବା ବେଲଗାଁ ଫାଣ୍ଡିରେ ଅଭିଯୋଗ ହୋଇଛି। ଶୁକ୍ରବାର ପାହାନ୍ତିଆ ସମୟରେ ବେଲଗାଁ ଫାଣ୍ଡିର ଅନତି ଦୂରରେ ଏହି ଘଟଣା ଘଟିଛି। ଆହତ ଡ୍ରାଇଭର ରଣଜିତ ସିଂ (୨୪) ପଞ୍ଜାବ ଅଞ୍ଚଳର। ଟ୍ରକ ନଂ.ପିବି-୦୪-ଏନ-୯୧୮୩ରେ ସେ ବିଶାଖାପାଟଣାଠାରୁ କୋଇଲା ବୋଝେଇ କରି ଝାରସୁଗୁଡ଼ା ଆସୁଥିଲେ। ସେ ଶିଶୁ ମନ୍ଦିର ନିକଟରେ ଟ୍ରକ ଅଟକାଇ ବିଶ୍ରାମ ନେଇଥିଲେ। ରାତ୍ର ପ୍ରାୟ ୩ଟାରେ ୫ରୁ ୬ଜଣ ଦୁର୍ବୃତ୍ତ ଆସି ଟ୍ରକ କାଚ ଭାଙ୍ଗି ଦେବା ପରେ ରଣଜିତଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ପରେ ଭୟଭୀତ କରାଇ ତାଙ୍କ ପାଖରେ ଥିବା ୬ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ରଣଜିତଙ୍କ ସହ ଥିବା ସୁବେର ସିଂ ବେଲଗାଁ ଫାଣ୍ଡିକୁ ଆସି ଜଣାଇଥିଲେ। ଆହତ ଡ୍ରାଇଭରଙ୍କୁ ସଇଁତଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଟ୍ରକ ମାଲିକ ଆସି ନ ଥିବାରୁ ଏଫଆଇଆର ଦାଖଲ ହୋଇ ନ ଥିଲେ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଛି। ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି ।



ନୀତି ଆୟୋଗ ଅଧିକାରୀ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ତଥ୍ୟ ତଦାରଖ କରୁଛନ୍ତି ।

# ହସ୍ପିଟାଲ ର୍ୟାଙ୍କିଙ୍ଗ୍ ଡାଟା ତଦାରଖ

## ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ନୀତି ଆୟୋଗ ଅଧିକାରୀ

**ବଲାଙ୍ଗୀର ଅଫିସ, ୫।୭**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ବିଭିନ୍ନ ଡାଟା ତଦାରଖ ପାଇଁ ଶୁକ୍ରବାର ନୀତି ଆୟୋଗର ଅଧିକାରୀ ପ୍ରଣୟ ଠକ୍କର ପହଞ୍ଚି ଡାଟା ତଦାରଖ କରିଛନ୍ତି । ୨୦୧୭-୧୮ ବର୍ଷର ବିଭିନ୍ନ ଡାଟା ଯାଞ୍ଚ କରାଯାଇଛି । ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଜିଲା ମୁଖ୍ୟଚିକିତ୍ସାଳୟର ର୍ୟାଙ୍କିଙ୍ଗ୍‌ରେ ଉକ୍ତ ଡାଟା ଜରୁରୀ ବୋଲି ଜଣାପଡିଛି । ୨୦୧୭-୧୮ ମସିହାରେ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଡାଟା ଭିଲିଡେସନ୍ ପାଇଁ ପଠାଯାଇଥିଲା । ଉକ୍ତ ଡାଟାକୁ ଯାଞ୍ଚ କରିବା ପାଇଁ ନୀତି ଆୟୋଗ ଅଧିକାରୀ ଠକ୍କର ବଲାଙ୍ଗୀର ପହଞ୍ଚିଥିବା ଜଣାଇଛନ୍ତି । ଦିନିକିଆ ଗସ୍ତରେ ଆସିଥିବା ଅଧିକାରୀ ଠକ୍କର ଶୁକ୍ରବାର ପୂର୍ବାହ୍ନ ୯ଟାରୁ ମେଡିକାଲ କଲେଜ ହସପିଟାଲରେ ବିଭିନ୍ନ ତଥ୍ୟ ଯାଞ୍ଚ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟ ୨୦୧୮ ମସିହାରେ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଭାବେ ଉନ୍ନୀତ ହୋଇଥିଲା। ଏଣୁ ଏହି ହସପିଟାଲର ତଥ୍ୟକୁ ଯାଞ୍ଚ କରି ସେ ଫେରିବେ ବୋଲି ସୂଚନା ଦେଇଛନ୍ତି । ଏହି ଯାଞ୍ଚ ସମୟରେ ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ମହେନ୍ଦ୍ର ନାଏକ, ପ୍ରଫେସର ଡା ମାନସୀ ପଣ୍ଡା, ହସପିଟାଲ ମେନେଜର ସୁଦୀପ୍ତ ଦତ୍ତ ଉପସ୍ଥିତ ଥିଲେ ।

**ଫଟୋରେ ଖବର**







**ବଲାଙ୍ଗୀରରେ ଜଗନ୍ନାଥଙ୍କ ମତ୍ସ୍ୟ-କଚ୍ଛପ ଅବତାର:** ଟିକ୍ରାପଡା ଗାନ୍ଧୀ ପାଠାଗାର ମାଉସୀ ମା'ମନ୍ଦିର (ବାମ)। ହସ୍ପିଟାଲ ନିକଟ ମାଉସୀ ମା' ମନ୍ଦିର (ମଝି)। ତୁଳସୀନଗର ମାଉସୀ ମା' ମନ୍ଦିର। (ଫଟୋ: ସୁନୀଲ)

**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

**ନାମଲେଖା ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।

Sd./- Principal, Chikiti Mahavidyalaya, Chikiti (Gm.)

बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ ବରୋଦା ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।
ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ଉପ-ମହାପ୍ରବନ୍ଧକ

# ବ୍ୟାପକ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ

**ଲୋଇସିଂହା,୫।୭(ଡି.ଏନ.ଏ)**



ନଅଗାଁ(କ) ହାଇସ୍କୁଲରେ ବନମହୋତ୍ସବ ସଭାରେ ବିଧାୟକ ମୁକେଶ ମହାଲିଙ୍ଗ ବକ୍ତବ୍ୟ ଦେଉଛନ୍ତି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ହାଇସ୍କୁଲରେ ବନମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଲୋଇସିଂହା ବନାଞ୍ଚଳ ତରଫରୁ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ସଭାରେ ଲୋଇସିଂହା ବିଧାୟକ ଡ଼.ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଜଙ୍ଗଲ ହ୍ରାସ ବିଶ୍ୱତାପାୟନ ଉପରେ କୁପ୍ରଭା ପକାଉଛି ବୋଲି କହିଥିଲେ। ତେଣୁ ବ୍ୟାପକ ଜଙ୍ଗଲ ସୃଷ୍ଟି କରି ପରିବେଶ ସନ୍ତୁଳନ ରକ୍ଷା କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଡିଏଫଓ ସମୀର ଶତପଥୀ, ରେଞ୍ଜ ଅଫିସର ରାଜକିଶୋର ନାଏକ ସମ୍ମାନୀତ ଅତିଥି, ବିଶ୍ୱନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ବନ କର୍ମଚାରୀ ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ । ସହକାରୀ ଶିକ୍ଷକ ଜୟଦେବ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
**(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର)**, ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍, ଗରାବନ୍ଧୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର ।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା-ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲି (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧ । **(୨)**ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମର ଅଛି । | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮୮.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯**
**କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍

## ସଂକ୍ଷେପରେ



### ଶ୍ରୀ ଜଗନ୍ନାଥଙ୍କ ଦଶାବତାର ବେଶ

ରିଷିଡା,୫।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡାଠାରେ ମାଉସୀ ମା' ମନ୍ଦିର କମିଟି ତରଫରୁ ଶୁକ୍ରବାରଠାରୁ ଶ୍ରୀଜଗନ୍ନାଥଙ୍କ ଦଶାବତାର ବେଶ ଆରମ୍ଭ ହୋଇଛି । ଶ୍ରୀଜଗନ୍ନାଥ ମତ୍ସ୍ୟ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟାରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଭବାନୀପାଟଣା, ୫।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାରାବାହାଲି ଗ୍ରାମର ପୁଇରା ମାଝି (୩୮) ନାମକ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି । ଗୁରୁବାର ସନ୍ଧ୍ୟା ୬ଟାରେ ନିଜ ଚାଷ ଜମିକୁ ଯାଉଥିବା ବେଳେ ହଠାତ୍ ନିକଟସ୍ଥ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଭାଲୁର ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ଭବାନୀପାଟଣା ଜିଲା ଚିକିତ୍ସାଳୟରେ ଆଣି ଭର୍ତ୍ତି କରାଯାଇଛି। ଅବସ୍ଥା ଗୁରୁତର ରହିଛି।



### ରିଷିଡ଼ାରେ ଲଗାଣ ବର୍ଷା, ରାସ୍ତା ବେହାଲ

ରିଷିଡା,୫।୭ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳ ଶୁକ୍ରବାରଠାରୁ ଲଗାଣ ବର୍ଷା ହୋଇଛି । ବର୍ଷା ଯୋଗୁ ରିଷିଡା ବସଷ୍ଟାଣ୍ଡ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡକ ପାଣି ଓ କାଦୁଅମୟ ହୋଇଛି । ସେହିପରି ରିଷିଡା କନ୍ଦପଡା-କୁନ୍ଦେଇପାଲି ରାସ୍ତା ନିର୍ମାଣ କରାଯାଉଥିବା ବେଳେ ରାସ୍ତା କାଦୁଅମୟ ହୋଇଯାଇଛି। ଏଥି ଯୋଗୁ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ର ଘୋର ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ରାସ୍ତାରେ ସାଇକେଲବି ଆସୁ ନ ଥିବା ଯୋଗୁ ଲୋକେ ଚାଲିଚାଲି ଆସୁଛନ୍ତି। ସେହିପରି ମ.ରାମପୁର-ରିଷିଡା ରାସ୍ତାର ପରମାନନ୍ଦପୁର ରାସ୍ତାରେ ପୋଲ ନିର୍ମାଣ ହେଉଥିବାରୁ ବାଇପାସ ରାସ୍ତା କର୍ଦ୍ଦମାକ୍ତ ହୋଇଯାଇଛି । ଏହି ବାଇପାସ ରାସ୍ତାରେ ଅଳ୍ପ ଚିପ୍ସ ପକାଯାଇଥିବାରୁ ଓଜନିଆ ଟ୍ରକ, ବସଗୁଡିକ ଆସିବାରେ ଅସୁବିଧା ହେଉଛି । ସେହିପରି ପୌରକେଲା ନିକଟରେ ରାସ୍ତା କାମ ଯୋଗୁ ରାସ୍ତାରେ ଯାତାୟାତରେ ଅସୁବିଧା ହେଉଛି ।

# ଟାର୍ଗେଟ ଅଭାବ, ମଣ୍ଡିରୁ ଉଠୁନି ଧାନ

ଜୁନାଗଡ଼, ୫।୭ (ଡି.ଏନ.ଏ.)



ବେଲଗୁଡ଼ା ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡ଼ିରହିଛି ।

**ଜୁନାଗଡ଼ ବ୍ଲକ**
- ପ୍ରଶାସନ ନୀରବ, ଚିନ୍ତାରେ ଚାଷୀ
- ଦାଉ ସାଧୁଛି ଲଗାଣ ବର୍ଷା
- ୬ ମଣ୍ଡିରେ ୧୨୦୫୬ କୁଇଣ୍ଟାଲ ଧାନପଡ଼ିଛି

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ଗତ ଜୁଲାଇ ୧ ତାରିଖଠୁ ମଣ୍ଡିରେ ଧାନ କିଣା ପ୍ରକିୟା ବନ୍ଦ ରହିଛି। କିଛି ମଣ୍ଡିରେ ଧାନ କିଣା ଶେଷ ହେବା ପରେ ତାହା ବନ୍ଦ ହୋଇଥିବା ବେଳେ ଆଉ କିଛି ମଣ୍ଡିରେ ଟାର୍ଗେଟ ଅଭାବରୁ ମଣ୍ଡି ବନ୍ଦ ରହିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଜୁନାଗଡ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୬ଟି ମଣ୍ଡିରେ ୧୨୦୫୬ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଥିବା ଜଣାପଡିଛି। ବ୍ଲକର ଚକୁଳି ମଣ୍ଡିରେ ୧୧୨୦ କୁଇଣ୍ଟାଲ, ଦେଉଣ୍ଡିରେ ୭୬୦ କୁଇଣ୍ଟାଲ, ହାବସପୁରରେ ୧୧୭୮ କୁଇଣ୍ଟାଲ, ଚାରବାହାଲରେ ୩୦୩୩ କୁଇଣ୍ଟାଲ, ବେଲଗୁଡାରେ ୫୪୩୧ କୁଇଣ୍ଟାଲ, ମାଲିଗୁଡାରେ ୫୩୪ କୁଇଣ୍ଟାଲ ଧାନ ପଡିରହିଛି। ଟାର୍ଗେଟ ଅଭାବରୁ ଏହି ସବୁ ମଣ୍ଡିରୁ ଧାନ ଉଠି ପାରୁ ନ ଥିବା ଜଣାପଡିଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏପଟେ ଟାର୍ଗେଟ ଅଭାବରୁ ମଣ୍ଡିରୁ ଧାନ ଉଠି ପାରୁ ନ ଥିବାବେଳେ ଅନ୍ୟପଟେ ଲଗାଣ ବର୍ଷା ଚାଷୀଙ୍କ ପାଇଁ ଏବେ ଦାଉ ସାଧୁଛି। ଲଗାଣ ବର୍ଷା ଯୋଗୁ ଖୋଲା ଆକାଶ ତଳେ ଚାଲିଥିବା ମଣ୍ଡିରେ ଧାନ ଭିଜିବା ଆଶଙ୍କା ରହିଛି। ଚାଷୀମାନେ ଯେଣ ତେଣ ପ୍ରକାର ଧାନକୁ ତାରପୋଲିନ ଢାଙ୍କିଲେ ମଧ ପାଣି ପଶିଯାଉଥିବା ଜଣାପଡିଛି। ସପ୍ତାହ ହେବ ମଣ୍ଡିରେ ଧାନ ବିକ୍ରି ନ ହେବା ଓ ଏବେ ଲଗାଣ ବର୍ଷା ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ ୫ ଦିନ ବିତିଯାଇଥିଲେ ମଧ ପ୍ରଶାସନ ଏ ଦିଗରେ ନୀରବ ଦ୍ରଷ୍ଟା ସାଜିବା ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଗୁରୁବାର ବେଲଗୁଡା ମଣ୍ଡିରେ ଧାନ ନ ଉଠିବାରୁ ଚାଷୀମାନେ ଅଭିନବ ପ୍ରତିବାଦ କରିଥିଲେ। ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥଙ୍କୁ ରଥରେ ନେବା ପରିବର୍ତ୍ତେ ଏକ ଟ୍ରାକ୍ଟରରେ ବସାଇ ସ୍ଥାନୀୟ ନୂଆପଡା ଛକଠାରୁ ମଣ୍ଡି ପର୍ଯ୍ୟନ୍ତ ଆଣିଥିଲେ। ମଣ୍ଡିରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରି ଅସ୍ଥାୟୀ ମାଉସୀ ମନ୍ଦିର ଘରେ ରଖିଥିଲେ।

ଶୁକ୍ରବାର ଏହି ଘଟଣା ଧରିତ୍ରୀରେ ପ୍ରକାଶିତ ପରେ ଜିଲା ସାରା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ମଣ୍ଡିରେ ବର୍ତ୍ତମାନ ୭୨ ଜଣ ଚାଷୀଙ୍କ ୫୪୩୧ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ଜୁନାଗଡ ବ୍ଲକର ୨୭ଟି ମଣ୍ଡିରେ ଗତ ୩୦ ତାରିଖ ସୁଦ୍ଧା ୧୩୮୭୪ ଚାଷୀଙ୍କ ୮,୨୦,୮୫୯.୭୧ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ସ୍ଥାନୀୟ ଆରଏମସି ପକ୍ଷରୁ ଜଣାପଡିଛି। ଜିଲାରେ ମାସେ ବିଳମ୍ବରେ ମଣ୍ଡି ଆରମ୍ଭ ହୋଇଥିଲା। ଏହାର ସୁଯୋଗ ନେଇ ଧାନ ବେପାରୀମାନେ ଚାଷୀଙ୍କଠାରୁ ଅଣ୍ଡର ରେଟରେ ଧାନ କିଣି ମଣ୍ଡିରେ ଆଗୁତୁରା ଧାନ ଦେଇ ମାଲାମାଲ ହୋଇଥିଲେ। ଏପଟେ ପ୍ରକୃତ ଚାଷୀଙ୍କୁ ମିଲର୍ସ, ଏଜେଣ୍ଟ, ପ୍ୟାକ୍ସ କର୍ମଚାରୀ ଓ ଦଲାଲମାନେ ଦାଉ ସାଧିବା ଯୋଗୁ ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡିରହିଛି। ଅନ୍ୟପକ୍ଷରେ ଶୀଘ୍ର ମଣ୍ଡିରେ ପଡି ରହିଥିବା ଧାନକୁ ଉଠାଣ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚାଷୀନେତା ବିଶ୍ୱନାଥ କର ଚେତାବନୀ ଦେଇଛନ୍ତି। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସେ କହିଛନ୍ତି। ସେହିପରି ମଣ୍ଡିରେ ପଡିରହିଥିବା ଧାନଗୁଡିକୁ ଜୁନାଗଡ ତହସିଲଦାର ଅନୁଧ୍ୟାନ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଖୁବଶୀଘ୍ର ଟାର୍ଗେଟ ଆସିଲେ ଚାଷୀଙ୍କ ଧାନ କିଣାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ସ୍ୱାମୀ ବିବେକାନନ୍ଦଙ୍କ ୧୧୭ତମ ସମାଧି ଦିବସ ପାଳିତ

କର୍ଲାମୁଣ୍ଡା,୫।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୧୭ ତମ ସମାଧି ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଭବାନୀପାଟଣାର ଅଧ୍ୟକ୍ଷ ଶିବରାମ ନାଏକଙ୍କ ଅଧ୍ୟକ୍ଷତାରେ ଶୁଭମ କୁମାର ନାଏକ, ମଧୁସ୍ମିତା ଧଙ୍ଗଡାମାଝି, ଭୁବନ ବିହାରୀ ସିଂ, ସରୋଜ ଭାଇ, ସ୍କୁଲ ପ୍ରିନ୍ସିପାଲ ଦିଲୀପ ସୁନା, ମହେଶ୍ୱର ଗହୀର, ସୁଶାନ୍ତ ନାଏକ, ଅବେଲ ସାହୁ, ଶ୍ରୀକାନ୍ତ ମଲ୍ଲିକ, ଗୀତାଞ୍ଜଳି ମଲ୍ଲିକ ପ୍ରମୁଖ ଯୋଗଦେଇ ଯୁବଗୋଷ୍ଠୀଙ୍କ ସ୍ୱାମୀ ବିବେକାନନ୍ଦଙ୍କ 'ବାର୍ତ୍ତା' ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନ ସାହୁ, ପ୍ରିୟବ୍ରତ ବଗର୍ତ୍ତୀ, ଦେବାଶିଷ ଧଳ, ବନମାଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସ୍ୱାମୀ ବିବେକାନନ୍ଦଙ୍କ ସମାଧି ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

# କେନ୍ଦ୍ରୀୟ ବଜେଟ୍ ନୈରାଶ୍ୟଜନକ

-ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା

ଭବାନୀପାଟଣା,୫।୭ (ଡି.ଏନ.ଏ.)

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୧୯-୨୦ ବର୍ଷ ପାଇଁ ଲୋକ ସଭାରେ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ଦେଶର ଅର୍ନ୍ନଦାତାମାନଙ୍କୁ ଶକ୍ତି ଦାତା କରିବା ଆମର ଲକ୍ଷ। ଏହିଭଳି ବହୁ ମନସ୍ପର୍ଶୀ ବକ୍ତବ୍ୟ ତାଙ୍କ ବଜେଟ୍ ଭାଷଣରେ ରହିଛି। ମାତ୍ର କୃଷକ ଚାଷ ଜମିରେ କେତେ ବ୍ୟୟ କରନ୍ତି ସେହି ଅନୁପାତରେ ତାର ପ୍ରାପ୍ୟ ପାଇପାରୁନାହିଁ। ପ୍ରତିବର୍ଷ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗ୍ରାମୀଣ ଅର୍ଥନୀତି ଦୋହଲି ଯାଉଛି। ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ ନ ପାଇ ହତାଶ ହୋଇ କ୍ଷତିରେ ପଡି ଚାଷକାମ ଛାଡି ଅନ୍ୟ ଧନ୍ଦାରେ ମନବଳାଉଛି ବୋଲି ନୈରାଶ୍ୟ ଜନକ ବୋଲି ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା କହିଛନ୍ତି । ବଜେଟ୍‌ରେ ଚାଷୀମାନଙ୍କ ମନରେ ବିଶ୍ୱାସ ଆସିପାରେ ନାହିଁ। ବଜେଟ୍ ଭାଷଣରେ ଦେଶର ଶିକ୍ଷିତ ଯୁବକମାନଙ୍କ ମନରେ ନୈରାଶ୍ୟ ଭାବ ଖେଳିଯାଇଛି। ଶିକ୍ଷିତ ଯୁବକମାନେ କାମ ନ ପାଇ ହତାଶ ହୋଇପଡିଛନ୍ତି। ବିଭିନ୍ନ କମ୍ପାନୀରୁ ବହୁ ଯୁବକ ଛଟେଇ ହେବାରେ ଲାଗିଛନ୍ତି। ସେମାନଙ୍କୁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରୁନାହିଁ। ବାହାର ପୁଞ୍ଜି ନିବେଶ ପାଇଁ ଘରୋଇ ଏବଂ ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କଲାଭଳି ସେଭଳି ଆଖି ଦୃଶିଆ ବଜେଟ୍ ଭାଷଣରୁ ଜଣାପଡୁନାହିଁ। ତେଣୁ କର୍ମ ନିଯୁକ୍ତି ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଏହା ଦେଶ ପାଇଁ ବିରାଟ ସମସ୍ୟା ରୂପେ ଉଭା ହେଉଛି। ଦେଶରେ ୯.୬ କୋଟି ପାଇଖାନା ନିର୍ମାଣ ସ୍ୱାଗତ ଯୋଗ୍ୟ, ମାତ୍ର ଅଧିକାଂଶ ପାଇଖାନାରେ ଆବଶ୍ୟକ ଜଳ ଯୋଗାଣ ସୁବିଧା ନାହିଁ। ଶିକ୍ଷାନୁଷ୍ଠାନରେ ନିର୍ମିତ ପାଇଖାନା ପୁତିଗନ୍ଧମୟ ହୋଇ ଛାତ୍ରୀଛାତ୍ରମାନଙ୍କ ବ୍ୟବହାରକୁ ଆସୁନାହିଁ। ପେଟ୍ରୋଲ, ଡିଜେଲ୍ ପ୍ରତି ଲିଟର ପ୍ରତି ୧ ଟଙ୍କା ସେସ୍ ଫଳରେ ବସ, ଟ୍ରକ, ଟ୍ରେନ୍ ଭଡା ବୃଦ୍ଧି ପାଇବ। ଫଳରେ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧି ପାଇବ। ସାଧାରଣ ଜନତା କ୍ଷତିଗ୍ରସ୍ତ ହେବେ ବୋଲି ସେ କହିଛନ୍ତି । ଗମୋଦି ସରକାର ସମସ୍ତ ଲୋକଙ୍କ ଆୟ ୬ ବର୍ଷରେ ୨ ଗୁଣ ହେବା ଘୋଷଣା ଆଜି ପର୍ଯ୍ୟନ୍ତ ସମ୍ପର୍ଣ୍ଣ ହେଲାନାହିଁ। ତେଣୁ ବଜେଟ୍ ନୈରାଶ୍ୟ ଜନକ ବୋଲି ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା କହିଛନ୍ତି ।

## ନିର୍ମାଣ ହେବା ୪ ବର୍ଷ ବିତିଲା, ଉଦ୍‌ଘାଟନ ହୋଇନି

# କାର୍ଯ୍ୟରେ ଆସୁନି କଲ୍ୟାଣ ମଣ୍ଡପ

କେସିଙ୍ଗା,୫।୭ (ଡି.ଏନ.ଏ.)




କନ୍ତେଶିର ଗ୍ରାମପଞ୍ଚାୟତ ପକ୍ଷରୁ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ।

**ଅକାମୀ ହୋଇ ପଡ଼ିରହିଛି**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ କନ୍ତେଶିର ଗ୍ରାମପଞ୍ଚାୟତ ପକ୍ଷରୁ ୨୬ ନଂ. ଜାତୀୟ ରାଜପଥର ପଶ୍ଚିମ ଦିଗରେ ଥିବା ଶିବ ମନ୍ଦିର ନିକଟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ଜନହିତକର କାର୍ଯ୍ୟ ଯଥା ଗ୍ରାମାଞ୍ଚଳ ଲୋକଙ୍କ ବିବାହ, ସଭା ସମିତି ବିଭିନ୍ନ କାର୍ଯ୍ୟ ନିମନ୍ତେ ନିର୍ମାଣ ହୋଇଥିବା ଏହି କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ନ ହୋଇ ୪ ବର୍ଷ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଛି। ଫଳରେ ଏଯାଏ ଲୋକଙ୍କ କୌଣସି କାମରେ ଆସୁ ନ ଥିବା ବେଳେ ଏଥିପ୍ରତି ଗ୍ରାମପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। କନ୍ତେଶିର ଗ୍ରାମପଞ୍ଚାୟତ ଦ୍ୱାରା ଗତ ୨୦୧୫-୧୬, ୨୦୧୬-୧୭ ଆର୍ଥିକ ବର୍ଷରେ ୪ର୍ଥ ଷ୍ଟେଟ ଫାଇନାନ୍ସ କମିଶନ ଗ୍ରାଣ୍ଟ ପକ୍ଷରୁ ୨୦ ଲକ୍ଷ ବ୍ୟୟ ଅଟକଳରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ନିର୍ମାଣ ହୋଇ ୪ ବର୍ଷ ବିତି ଯାଇଥିଲେ ସୁଦ୍ଧା କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରାଯାଇ ନ ଥିବାରୁ ଏହା ପରିସରରେ ଅନାବନା ଗଛ ଉଠିଯାଇ ଶୋଚନୀୟ ଅବସ୍ଥାରେ ପଡିରହିଛି। ଏଥିରେ ବିଦ୍ୟୁତ ସଂଯୋଗ ହୋଇନାହିଁ । କିନ୍ତୁ ବିଦ୍ୟୁତ ତାର ୱେରିଂ କାମ ସରିଯାଇଛି। ଅତିନିମ୍ନମାନର କାମ ହୋଇଥିବାରୁ ମଣ୍ଡପର ପ୍ରତ୍ୟେକ କୋଠରିଗୁଡିକରେ ଫାଟ ଦେଖାଦେଲାଣି। କଲ୍ୟାଣ ମଣ୍ଡପର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦିଗରେ ଅତିନିମ୍ନମାନର ଭାବେ ବାଡ କାମ କରାଯାଇଛି । ଜନହିତ କାର୍ଯ୍ୟ ପାଇଁ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଅକାମି ହୋଇ ପଡିରହିଛି । କନ୍ତେଶିର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରାୟ ୧ କି.ମି. ଦୂରରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିବାରୁ ଦିନ କିମ୍ବା ରାତିରେ କୌଣସି ଲୋକଙ୍କ ଦୃଷ୍ଟି ପଡୁନାହିଁ । ଗ୍ରାମ ନିକଟରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲେ ଗ୍ରାମର ଗରିବ, ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ବିବାହ କାର୍ଯ୍ୟ ସହ ଯେକୌଣସି ସଭା, ସମିତି ଏବଂ ବିଭିନ୍ନ ଜନହିତରେ କାର୍ଯ୍ୟରେ ଲାଗିଥାନ୍ତା । ଏହି ଜାତୀୟ ରାଜପଥ ଦେଇ ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ଦୈନନ୍ଦିନ ଗମନାଗମନ କରୁଥିଲେ ସୁଦ୍ଧା କାହାରି ଏହି କଲ୍ୟାଣ ମଣ୍ଡପ ପ୍ରତି ନଜର ପଡୁ ନ ଥିବାରୁ ୨୦ ଲକ୍ଷ ଟଙ୍କାର ମଣ୍ଡପ ଅକାମି ହୋଇ ପଡି ରହିଛି । କିନ୍ତୁ ଗ୍ରାମପଞ୍ଚାୟତ ପଦାଧିକାରୀମାନେ ନିରବ ରହିବା ଯୋଗୁ ୪ ବର୍ଷ ହେଲା ଉଦ୍‌ଘାଟନ ହୋଇନାହିଁ । ଫଳରେ ଏହି କଲ୍ୟାଣ ମଣ୍ଡପ ଜନହିତକର କାର୍ଯ୍ୟରେ ନ ଲାଗି ଭୁତକୋଠି ପାଲଟିଛି । ଏ ସଂକ୍ରାନ୍ତ କେସିଙ୍ଗା ବିଡିଓ ଭୀମସେନ ଶବରଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ ।

# ନକଲି ଶିକ୍ଷକଙ୍କ ଅଡୁଆ ବଢୁଛି, ଖୁବ୍ ଶୀଘ୍ର ହେବ ପର୍ଦ୍ଦାଫାଶ

ଲାଞ୍ଜିଗଡ଼,୫।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଜାଲ୍ ସାର୍ଟିଫିକେଟ୍ ଜରିଆରେ ଶିକ୍ଷକ ବର୍ଷ ବର୍ଷ ଧରି ଚାକିରି କରୁଥିବା ଅଭିଯୋଗ ହେବା ପରେ ଏବେ ରାଜ୍ୟ ସରକାର ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏବେ ଶିକ୍ଷା ବିଭାଗ ପକ୍ଷରୁ ରଣନୀତି ପ୍ରସ୍ତୁତ କରିବା ପରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳର ନକଲି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଅଡୁଆ ବଢିବାରେ ଲାଗିଛି। ଜାଲ ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗାଡ଼ କରିଥିବା ଶିକ୍ଷାଗତ ପ୍ରମାଣପତ୍ର ସବୁ ନକଲି ବୋଲି ଜଣାପଡ଼ିସାରିଲାଣି। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ କରିବାକୁ ଏକାଧିକ ନାଗରିକ ସଙ୍ଗଠନ ଅଣ୍ଟା ଭିଡ଼ିଛନ୍ତି। ଏପରିକି ଏହି ଜାଲ ପ୍ରମାଣପତ୍ରଧାରୀ ଶିକ୍ଷକଶିକ୍ଷୟିତ୍ରୀମାନେ ଏବେ ରେଗୁଲାର ହୋଇ ଦରମା ପାଉଥିବାବେଳେ କେତେ ଜଣ ନକଲି ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟାନୁଷ୍ଠାନ ଭୟରେ ସ୍ୱେଚ୍ଛାକୃତ ଅବସର ନେଇଥିବା ଭଳି ତଥ୍ୟ ମଧ ସେମାନଙ୍କ ହାତକୁ ଲାଗିଥିବା ଜଣାପଡିଛି । ଲାଞ୍ଜିଗଡ ବ୍ଲକର ଶିକ୍ଷା ବ୍ୟବସ୍ଥା ଏହି ନକଲି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଯୋଗୁ ବିପର୍ଯ୍ୟସ୍ତ ହେଉଥିବା ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ୩୦ରୁ ଅଧିକ ନକଲି ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମାଣପତ୍ର ଯାଞ୍ଚ ବେଳେ ବିଭିନ୍ନ ବାହାନା ଦେଖାଇ ବର୍ତ୍ତି ଯାଉଥିବାବେଳେ ୧୦ରୁ ୧୨ ବର୍ଷ ତଳେ ବ୍ଲକରେ ବିଆର୍‌ସିସି ଭାବେ କାର୍ଯ୍ୟରତ ଜଣେ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ନେଇ ଏହି ନକଲି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଏବେ ପ୍ରମାଣ ମିଳିଛି । ତେବେ ଅନେକ ନକଲି ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟାନୁଷ୍ଠାନ ଭୟରେ ଲୁଚି ବୁଲୁଥିବାବେଳେ କାହାକୁ ଧରିଲେ ରକ୍ଷା ମିଳିବ ସେହି ପ୍ରଚେଷ୍ଟାରେ ଥିବା ଜଣାପଡିଛି । ଏହିପରି ସମୟରେ ବ୍ଲକ ଶିକ୍ଷା ବିଭାଗ ଗଣମାଧ୍ୟମ ଚାପରେ ଏହି ନକଲି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପ୍ରତି କଡା ଆଭିମୁଖ୍ୟ ଗ୍ରହଣ କରୁଥିବାରୁ ଏଥର ଏହି ଶିକ୍ଷକଶିକ୍ଷୟିତ୍ରୀମାନେ ବର୍ତ୍ତିବା ଏକ ପ୍ରକାର ମୁସ୍କିଲ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ନାଗରିକ ସଙ୍ଗଠନଗୁଡିକ ଖୁବ୍‌ଶୀଘ୍ର ତଥ୍ୟ ପ୍ରମାଣ ସହ ନକଲି ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପର୍ଦ୍ଦାଫାଶ କରିବାକୁ ସଜବାଜ ହେଉଥିବା ଜଣାପଡିଛି ।

**ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ**

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

**ନାମଲେଖା ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www.cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।

Sd./- Principal, Chikiti Mahavidyalaya, Chikiti (Gm.)

बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

**ବ୍ୟାଙ୍କ ଅଫ ବରୋଦା** ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ରେ ଯୋଗାଯୋଗ କରନ୍ତୁ ।

**ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।**

ଉପ-ମହାପ୍ରବନ୍ଧକ

# ଆର୍‌ଏସ୍‌ଏସ୍ କର୍ମକର୍ତ୍ତା ରାସ୍ତା କଲେ ସମତୁଲ

ନୂଆପଡା ଅଫିସ/ଖଡିଆଳ,୫।୭

ନୂଆପଡା ଜିଲା ଖଡିଆଳ ସହରକୁ ଲାଗି ରହିଛି ଗାୟତ୍ରୀ ନଗର ଅର୍ଥାତ ପଡୋଶୀ ଗଡ୍ରାମୁଣ୍ଡା ଗ୍ରାମପଞ୍ଚାୟତର ଏକ ୱାର୍ଡ। ଏହା ସହର ତଳି ଅଞ୍ଚଳ ହୋଇଥିବା ହେତୁ ଉଭୟ ପଟୁ ସବୁବେଳେ ଅବହେଳାର ଶିକାର ହୋଇଥାନ୍ତି । ଏଠାକୁ ସବୁ ଦିନିଆ ରାସ୍ତାଟିକକ ନ ଥିବାବେଳେ ପାନୀୟ ଜଳ, ବିଜୁଳି ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଥାଏ । ଏଭଳି ସ୍ଥିତିରେ ରଥଯାତ୍ରା ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାମାନେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀମାନଙ୍କୁ ଠୁଳ କରି ରାସ୍ତା ସମତୁଲ କରିଛନ୍ତି । ଏହା ଅନ୍ୟମାନଙ୍କ ସକାଶେ ଏକ ଉଦାହରଣ ହୋଇଛି। ସ୍ୱୟଂ ସେବକ ତାପସ ରଞ୍ଜନ କରୁଆଁଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସେବା ଏହି କାମ କରିଥିଲେ। ସୂଚନାଯୋଗ୍ୟ ଯେ, ଏକ ରାସ୍ତାକାମ ବହୁ ବର୍ଷ ଧରି ଅବହେଳିତ ହୋଇରହିଥିଲା। ଏଥିରେ ମାଟି ମୋରମ ଦେବାର ଆବଶ୍ୟକତା ରହିଥିଲା । ତେବେ ଏଥିସକାଶେ କେବଳ ମାଟି ମୋରମ ସ୍ଥାନୀୟ ସରପଞ୍ଚଙ୍କ ତରଫରୁ ଯୋଗାଇ ଦିଆଯାଇଥିବାବେଳେ ଏହି କର୍ମକର୍ତ୍ତାମାନେ ମିଶି ସମତୁଲ କରିଥିଲେ। ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାମାନେ ରାସ୍ତା ସମତୁଲ କରୁଛନ୍ତି ।

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
**(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର),** ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍, ଗରାବନ୍ଧୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର ।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା-ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲି (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧ । **(୨)**ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍‌ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମରେ ଅଛି । | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮୮.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଦୁର୍ଘଟଣାରେ ଛାତ୍ର ମୃତ୍ୟୁ ମାମଲା
### କନିକାରେ ଏବେ ପୋଲିସ ଛାଉଣୀ

ହେମଗିର, ୫।୭ (ଡି.ଏନ.ଏ)- ଗତ ତିନି ତାରିଖରେ ସ୍କୋର୍ପିଓ ଧକ୍କାରେ କଲେଜ ଛାତ୍ର ଲିପୁନ ନାଏକଙ୍କ ମୃତ୍ୟୁକୁ ନେଇ ମାମଲା ଧିରେ ଧିରେ ଗମ୍ଭୀର ହେବାରେ ଲାଗିଛି। ଦୀର୍ଘ ୨୪ ଘଣ୍ଟା ରାସ୍ତାରୋକୋ ହେବା ପରେ ସମାଧାନ ନ ହେବା ଯୋଗୁ ଲୋକେ ପୋଲିସ ଉପରେ ଦାଉ ସାଧିଲେ। ପୋଲିସ ଗାଡି ଭଙ୍ଗାରୁଜା କରିବା ସହ ଫାଣ୍ଡି ଉପରକୁ ଟେକା ପଥର ମାଡ କରିଥିଲେ। ଏହି ଘଟଣାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୧୪ ଜଣଙ୍କୁ ଗିରଫ କରାଯାଇଛି। ବର୍ତ୍ତମାନ ସୁଧା କନିକା ଗ୍ରାମରେ ପୋଲିସ ଛାଉଣୀ ଲାଗି ରହିଛି। ଏନେଇ ଥାନାରେ ଏକ ମାମଲା (ନଂ. ୮୫/୧୯) ରୁଜୁ ହୋଇଛି।

# ଜିଲା ମୁଖ୍ୟ ଡାକ୍ତରଖାନା ସମସ୍ୟା କବଳିତ

■ ସମାଧାନ ନେଇ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ବିଧାୟିକାଙ୍କ ଆଲୋଚନା

ସୁନ୍ଦରଗଡ଼, ୫।୭ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନାନା ସମସ୍ୟା ମଧ୍ୟରେ ଗତି କରୁଛି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମାଧାନ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲା ମୁଖ୍ୟ ଡାକ୍ତରଖାନା ବିଭିନ୍ନ ବିଭାଗର ଡାକ୍ତର ଅନୁପସ୍ଥିତ ରହିବା, ଡାକ୍ତରଖାନାରେ ଡ୍ରେନେଜର ଦୁରବସ୍ଥା, ପ୍ରତିଦିନ ରୋଗୀସଂଖ୍ୟା ବଢୁଥିବା ବେଳେ ଡାକ୍ତରଖାନାରେ ଆବଶ୍ୟକୀୟ ଶଯ୍ୟା ଅଭାବରୁ ରୋଗୀମାନେ ତଳେ ଚିକିତ୍ସିତ ହେଉଥିବା ଓ ଡାକ୍ତରଖାନାରେ ରୋଗୀମାନଙ୍କୁ ଥଣ୍ଡା ଓ ଗରମ ପାଣି ଯୋଗାଇ ଦେବା ସମ୍ପର୍କରେ ଆଲୋଚନା କରି ଏ ସମ୍ପର୍କରେ ଯଥାଶିଘ୍ର ପଦକ୍ଷେପ ନେବା ପାଇଁ ବିଧାୟିକା ଦାବି କରିଥିଲେ। ଏ ଦିଗରେ ଆଗାମୀ ୧୦ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିଲୀପ ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ବିଧାୟିକାଙ୍କ ସହ ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ କାଉନସିଲର ହିମାଂଶୁ ଶେଖର ଷଡଙ୍ଗୀ, ଯୁବନେତା ଅଜୟ ପଟେଲ, ମନୀଷ ପଟେଲ, ଆରତୀ ପଟେଲ, ମନୋଜ ପୁରୋହିତ, ବୈକୁଣ୍ଠ ବନଛୋର, ଅଞ୍ଜନା ପଟେଲ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ଓ ଯୁବ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତକରି ଆଲୋଚନା କରିଥିଲେ। ହସପିଟାଲର ସମସ୍ୟା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି।



ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କ ସହିତ ବିଧାୟିକା ଆଲୋଚନା କରୁଛନ୍ତି।

## ସ୍ୱାସ୍ଥ୍ୟ ସଚେତନତା ପ୍ରଶିକ୍ଷଣ ଶିବିର

ରାଜଗାଙ୍ଗପୁର, ୫।୭ (ଡି.ଏନ.ଏ)

ଡାଲମିଆ ସିମେଣ୍ଟ ଲିମିଟେଡର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ତରଫରୁ କିଶୋରୀମାନଙ୍କ ପାଇଁ ଏକ ତିନି ଦିନିଆ ଜୀବନ କୌଶଳ ପ୍ରଶିକ୍ଷଣ ଶିବିର ଲାଞ୍ଜିବେର୍ଣ୍ଣ ସ୍ଥିତ ଶ୍ରମିକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷିତ କିଶୋରୀ ବାଳିକାମାନେ ଆଗକୁ ଯାଇ ଆଖପାଖ ଅଞ୍ଚଳର ବାଳିକାମାନଙ୍କୁ ବିଭିନ୍ନ ବିଷୟରେ ଶିକ୍ଷିତ କରିବାର ଯୋଜନା ଅଛି । ଡାଲମିଆ ସିମେଣ୍ଟର ସିଏସଆର ବିଭାଗ ମୁଖ୍ୟ ଡ. ନୀଳାଦ୍ରି ପାଢ଼ୀ, ସଙ୍ଗମ ମହିଳା ମଣ୍ଡଳର ସଦସ୍ୟାବୃନ୍ଦା, ଲାଞ୍ଜିବେର୍ଣ୍ଣ ଶ୍ରମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟିକୁ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ସୁନିତା ଗୁପ୍ତା ଏବଂ କୁକୁଡା ଗ୍ରାମ ପଞ୍ଚାୟତର ସରପଞ୍ଚ ରିଲାସୁଶିଲା ଟପ୍ପୋ ଉଦଘାଟନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ଡାଲମିଆ ସିମେଣ୍ଟର ସିଏସଆର ବିଭାଗ ଦ୍ୱାରା ସ୍ଥାନୀୟ କିଶୋରୀ ବାଳିକାମାନଙ୍କୁ ସ୍ୱାସ୍ଥ୍ୟ, ଜୀବନ ଏବଂ ଜୀବିକା କୌଶଳ ବିଷୟରେ ସଚେତନ କରିବା ପାଇଁ ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ଅନ୍ତର୍ଗତ । ଏହି କ୍ରମରେ ସ୍ଥାନୀୟ କିଶୋରୀ ବାଳିକାଙ୍କୁ ନେଇ ୨୭ଟି ୧୨ରୁ ୧୫ ଜଣିଆ ଟିମ ଗଠନ କରାଯାଇଛି । ସେମାନଙ୍କ ମଧ୍ୟରୁ ୫୦ ବାଳିକାଙ୍କୁ ଏହି ଶିବିରରେ ପ୍ରଶିକ୍ଷିତ କରାଯାଇଛି । ଭୁବନେଶ୍ୱରର ପ୍ରତିଷ୍ଠିତ ବେସରକାରୀ ସଂଗଠନ ଆଇନାକୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ନିୟୋଜିତ କରାଯାଇଥିଲା। ଶିବିରରେ ବାଳିକାଙ୍କୁ ନେତୃତ୍ୱ ନେବା, ଯୋଗାଯୋଗ କରିବା, କାମ କରିବା, ସ୍ୱାସ୍ଥ୍ୟ ସୁରକ୍ଷା, ଦକ୍ଷତା ବିକାଶ, ସାମାଜିକ ହିଂସା, ଅଭିଯୋଗ ସୁଧାର ପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି।

# ଲହୁଣୀପଡ଼ାରେ ବନମହୋତ୍ସବ ପାଳିତ

ଲହୁଣୀପଡା, ୫।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା ବାଙ୍କି ବନାଞ୍ଚଳ ଅନ୍ତର୍ଗତ କେବଲାଙ୍ଗ ସେକସନର ବିମଳାଗଡ ଉଚ୍ଚ ବିଦ୍ୟାଳୟଠାରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଏହା ସହିତ ଜନସଚେତନତା ସୃଷ୍ଟି ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେ.ବଲାଙ୍ଗ ଫରେଷ୍ଟର ମହେଶ୍ୱର ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିମଳାଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ସାହୁ ଅଧ୍ୟକ୍ଷତା କରିଥିଲେ । ସଭା ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଲାଲବାହାଦୁର ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ବନମହୋତ୍ସବ ପାଳନ ଓ ବୃକ୍ଷରୋପଣ ଦ୍ୱାରା ପ୍ରାଣୀ ଜଗତର କି ପ୍ରକାର ଉପକାର ହୋଇଥାଏ ଏବଂ ବୃକ୍ଷ କାଟିବା ଦ୍ୱାରା ମଣିଷ ମାନଙ୍କର କି ପ୍ରକାର କ୍ଷତି ହୋଇଥାଏ ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ବୃକ୍ଷରୋପରଣ କରିଥିଲେ। ସଭା ଶେଷରେ ଦୈତାରୀ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ । ସରୋଜ କୁମାର ନାଏକ, ଶାନ୍ତିଲତା ମାହାନ୍ତ, ପୁଷ୍ପାଞ୍ଜଳି କିସାନ, ରୁପଧର ମାହାନ୍ତ, ଶରତ କାଲୋ, ବାଞ୍ଛାନିଧି ସାହୁ, ଗୋପିନାଥ ରାମ, ନବୀନ ପତ୍ରି କିସାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ସୁନ୍ଦରଗଡ ରାଜବାଟୀ ମାଉସୀ ମା' ମଣ୍ଡପରେ ଶୁକ୍ରବାର ଜୀଉ ମାନଙ୍କର ମତ୍ସ୍ୟ, କଚ୍ଛପ ଅବତାର ବେଶ।

# ମାଉସୀ ମା' ମନ୍ଦିରରେ ତିନିଠାକୁର



ଡୁମେରଯୋର ପଞ୍ଚାୟତର ଉତ୍ସାରେ ରଥଯାତ୍ରା।



ତିନି ଠାକୁରଙ୍କୁ ପହଣ୍ଡିବିଜେ କରାଯାଉଛି।

ଲହୁଣୀପଡା, ୫।୭ (ଡି.ଏନ.ଏ)

ଶାନ୍ତି ଶୃଙ୍ଖଳାର ସହିତ ଲହୁଣୀପଡା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ପୋଲିସ ଓ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥଯାତ୍ରା ହୋଇଥିଲା। ଲହୁଣୀପଡା ମୁଖ୍ୟ ବଜାରସ୍ଥିତ ହରିଶଙ୍କର ମହାଦେବ, ଜଗନ୍ନାଥ ମନ୍ଦିର ରଥଯାତ୍ରା ପୂର୍ବ ପ୍ରସ୍ତୁତି ଅନୁଯାଇ ହୋଇଥିଲା। ଦେବୋତ୍ତର ବିଭାଗ ନିର୍ଦ୍ଦେଶନାମା ଯୋଗୁ ଚଳିତବର୍ଷ ଲହୁଣୀପଡା ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା ଛେରା ପହଁରା କରିଥିଲେ। ଅପରାହ୍ନ ପ୍ରାୟ ଚାରିଟା ବେଳେ ଭଜନ କୀର୍ତ୍ତନର ତାଳେତାଳେ ଏବିଡିଓ ପ୍ରଶାନ୍ତ ପଣ୍ଡାଙ୍କୁ ଜନସାଧାରଣ ରଥ ନିକଟକୁ ପାଛୋଟି ଆଣିଥିଲେ। ରୀତିନୀତି ଅନୁଯାୟୀ ଛେରା ପହଁରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରରୁ ରଥ ଟଣାଯାଇ ବ୍ଲକଛକସ୍ଥିତ କଲ୍ୟାଣ ମଣ୍ଡପ, ମାଉସୀ ମା ମନ୍ଦିରକୁ ଟାଣି ଆଣିଥିଲେ।

କୁଆଁରମୁଣ୍ଡା, (ଡି.ଏନ.ଏ.)

କୁଆଁରମୁଣ୍ଡା ବ୍ଲକଅନ୍ତର୍ଗତ ଡୁମେରଯୋର ପଞ୍ଚାୟତର ଉତ୍ସାଠାରେ ବ୍ରିଟିଶ ଶାସନ ଅମଳରୁ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଆସୁଛି। ପ୍ରତିବର୍ଷ କୁଆଁରମୁଣ୍ଡା ନାଗରାଗଡ଼ସ୍ଥିତ ରଥଯାତ୍ରାର ଦିନକ ପରେ ଏହି ରଥଯାତ୍ରା ଆରମ୍ଭ ହୋଇଥାଏ। ଅନୁରୂପଭାବେ ଚଳିତବର୍ଷ ଏହି ରଥଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ରୀତିନୀତି ପରେ ଶ୍ରୀଜୀଉମାନଙ୍କର ଧାଡି ପହଣ୍ଡି କରାଯାଇଥିଲା। ଏହା ପରେ ଡୁମେରଯୋର ସମିତି ସଭ୍ୟ ତଥା ଯୁବ ସାମାଜିକ କର୍ମୀ ରାଜେନ୍ଦ୍ର କୁଜୁର ଠାକୁର ରଜାଭାବେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ରଥଟଣା କାର୍ଯ୍ୟ ଅପରାହ୍ନ ସାଢେ ୫ଟାରେ ଆରମ୍ଭ ହୋଇଥିଲା। ରଥଯାତ୍ରାରେ ଡୁମେରଯୋର, ଖେରାପୋଷ, ରାଏବେର୍ଣ୍ଣା, ଝାରବେଡା, ପଦ୍ମପୁର, ଜଗଦୀଶପୁର ଇତ୍ୟାଦି ଅଞ୍ଚଳରୁ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଡୁମେରଯୋର ସରପଞ୍ଚ ଶୁକରାମ ଓରାମ, ସାମାଜିକ କର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ରହି ପହଣ୍ଡି ଠାରୁ ଆରମ୍ଭ କରି ରଥଟଣା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

ବଡଗାଁ, (ଡି.ଏନ.ଏ)-ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗ୍ରାମ ପଞ୍ଚାୟତ ଅଧିନ ସାଲେପାଲି ଗ୍ରାମରେ ଶୁକ୍ରବାର ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଅପରାହ୍ନରେ ତିନି ଠାକୁରଙ୍କୁ ପହଣ୍ଡିବିଜେ କରାଇ ମନ୍ଦିରରୁରଥକୁ ଅଣାଯାଇଥିଲା। ଜଗନ୍ନାଥଙ୍କୁ ଫକିର ମାଝୀ, ବଳଭଦ୍ରଙ୍କୁ ମିହିର ମାଝୀ ଓ ସୁଭଦ୍ରାଙ୍କୁ ଅଶୋକ ଷଡଙ୍ଗୀ ପହଣ୍ଡି କରାଇଥିଲା ବେଳେ ଗୋକୁଳ ଚନ୍ଦ୍ର ମାଝୀ ପୂଜା କାର୍ଯ୍ୟ ତୁଲାଇଥିଲେ। ସ୍ୱର୍ଗତ ଗୌତିଆ କୃଷ୍ଣ ସାହୁଙ୍କ ସମୟରେ ଗାଙ୍ଗପୁର ରାଜାଙ୍କ ନିର୍ଦ୍ଦେଶରେ ରଥଯାତ୍ରା ଗାଁରେ ଆରମ୍ଭ ହୋଇଥିଲା। ଖରଗଡବାହାଲ ଗ୍ରାମର ସମ୍ପ୍ରଦା ଦଳ ସମ୍ପ୍ରଦା ପରିବେଷଣ କରିଥିଲେ।

### ବୋଲେରୋ-ବାଇକ୍ ଧକ୍କା,୩ ଗୁରୁତର

କୁଆଁରମୁଣ୍ଡା,୫।୭(ଡି.ଏନ୍.ଏ.)- ବୀରମିତ୍ରପୁର ଥାନା ଜଙ୍ଗଲବିରା ପଞ୍ଚାୟତର ଶାସନଟୋଲି ଓ କରଡେଗା ମଧ୍ୟବର୍ତ୍ତୀ ରାସ୍ତାରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ବୋଲେରୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ବାଇକ୍‌ରେ ଥିବା ୩ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ପୋଲିସ ରାଉରକେଲା ସରକାରୀ ହସ୍ପିଟାଲକୁ ପଠାଇଛି। ଏହା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୋଲେରୋକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚାଲୁ ରଖିଛି। ବାଇକ୍‌ରେ ଥିବା ଯୁବକଙ୍କ ପରିଚୟ ମିଳିପାରି ନାହିଁ।

# ବନ ମହୋତ୍ସବ, ବୃକ୍ଷରୋପଣ କାର୍ଯ୍ୟକ୍ରମ

ଟେନସା, ୫।୭ (ଡି.ଏନ.ଏ)

କୋଇଡା ମାଇନିଂ ସେକ୍ଟର ଅନ୍ତର୍ଗତ ନାରାୟଣପୋଷ, କୋଇଡାରେ ଥିବା ଏମଟିସି ଖଣି ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏନେଇ ଶୁକ୍ରବାର କୁସୁମୁଣ୍ଡିଠାରେ ଥିବା ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କୋଇଡା ଖଣି ଉପନିର୍ଦ୍ଦେଶକ ଶଲିଲି ବେହେରା, ସମ୍ମାନିତ ଅତିଥି ଭାବେ କୋଇଡା ରେଞ୍ଜ ଅଫିସର ବିସି ପାତ୍ର, କୋଇଡା ଥାନା ଅଧିକାର ଦେବେନ୍ଦ୍ରନାଥ ପେଙ୍ଗୁଆ, ମାଇନିଂ ଅଫିସର ଚିତ୍ତରଞ୍ଜନ ସାହୁ, ଖବରଦାତା ସମୀର କୁମାର ପାଢ଼ୀ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପ୍ରମୁଖ ଯୋଗଦେଇଥିଲେ। ପିଲାଟିଏ ବଞ୍ଚିଲେ ଗଛଟିଏକୁ ବଞ୍ଚାଇବା, ଗଛ ବଞ୍ଚିଲେ ପରିବେଶ ସୁସ୍ଥ ରହିବ ଆଦି ବିଭିନ୍ନ ପରିବେଶ ବିଷୟରେ ଅତିଥିମାନେ ପ୍ରକାଶ କରିଥିଲେ । ଏହା ପରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ, ଶିକ୍ଷକ, ଅତିଥିମାନେ ମିଶି ବିଭିନ୍ନ କିସମର ଫଳ ଗଛ ରୋପଣ କରିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ଓ ଗଛ ବିଷୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏଏମଟିସି ଖଣିର ପରିବେଶ ବିଭାଗର ଏବଂ ଏସ୍ଟେରମେଣ୍ଟର ମହାପ୍ରବନ୍ଧକ ଶତିଶ ମହାନ୍ତି, ଅମରେଶ ସାମନ୍ତରାଏ, ମିନକେତନ ନାୟକ, ସୁଶାନ୍ତ ମାହାନ୍ତ, ଏସ କର, ଏଲଏସ ମିଶ୍ର, ତ୍ରିବେଣୀ ପକ୍ଷରୁ ଏନ ଅଲି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ।




ବନ ମହୋତ୍ସବ କାର୍ଯ୍ୟକ୍ରମ।


## ଚିକିଟି ମହାବିଦ୍ୟାଳୟ, ଚିକିଟି, ଗଞ୍ଜାମ

ଓଡ଼ିଶା, ପିନ: ୭୬୧୦୧୦, ଦୂରଭାଷ: ୦୬୮୦-୨୪୯୭୨୮୭, ମେଲ୍: cmv15.08.1980@gmail.com

**ନାମଲେଖା ବିଜ୍ଞାପନ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ସଂଖ୍ୟା ନଂ: ୧୨୪୦୮/ତା୧୯।୦୬।୨୦୧୯ରିଖ ଅନୁସାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର ସହବନ୍ଧିତ ହୋଇ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୧୬ଟି ସିଟ୍ ଚଳିତ ଶିକ୍ଷା ବର୍ଷ (୨୦୧୯-୨୦) ଖୋଲିବା ନିମନ୍ତେ ଅନୁମତି ମିଳିଛି। ଏଥିସକାଶେ ସ୍ନାତକ ଉତ୍ତୀର୍ଣ୍ଣ ଆଗ୍ରହୀ ଛାତ୍ରଛାତ୍ରୀଙ୍କଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ କଲେଜ୍ ୱେବସାଇଟ୍ www. cmvedu.in ରେ ଦୁଇଦିନ ପରେ ଉପଲବ୍ଧ ହେବ।

**Sd./- Principal, Chikiti Mahavidyalaya, Chikiti (Gm.)**

बैंक ऑफ़ बड़ौदा
Bank of Baroda

 କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

## ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ

**ବ୍ୟାଙ୍କ ଅଫ ବରୋଦା** ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ।

| | |
|---|---|
| ଜନପଥ / ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ / ବିଦ୍ୟୁତ ମାର୍ଗ / ନୟାପଲ୍ଲୀ | ୨୦୦୦ ବର୍ଗଫୁଟ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର **ୱେବସାଇଟ www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା **୦୬୭୪-୨୪୨୧୨୧୦**ରେ ଯୋଗାଯୋଗ କରନ୍ତୁ ।
**ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୨୬.୦୭.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।**
ଉପ-ମହାପ୍ରବନ୍ଧକ


# ନୂତନ ଜିଲା ଦୌରାଜଜ୍‌ଙ୍କୁ ଓକିଲସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ସୁନ୍ଦରଗଡ, ୫।୭ (ଡି.ଏନ୍.ଏ)

ସୁନ୍ଦରଗଡ ନୂତନ ଜିଲା ଦୌରାଜଜ୍ ଭାବେ ପ୍ରଦୀପ କୁମାର ମାହନ୍ତ ଯୋଗ ଦେଇଛନ୍ତି। ନୂତନ ଜିଲା ଦୌରାଜଜ୍ ମାହନ୍ତଙ୍କୁ ଜିଲା ଓକିଲ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ଓକିଲ ସଂଘର ସଭାଗୃହଠାରେ ସଭାପତି ଦୁଷ୍ମନ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନ୍‌ଜୀବୀ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହିତ ନୂତନ ଭାବେ ଯୋଗ ଦେଇଥିବା ସିନିୟର ସିଭିଲ ଜଜ୍ ଆଶୀଷ କୁମାର ପଲେଇଙ୍କୁ ମଧ୍ୟ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାରେ ଅତିରିକ୍ତ ଜିଲା ଜଜ୍ ପାର୍ଥସାରଥୀ ପଟ୍ଟନାୟକ, ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ପ୍ରଦୀପ ପଟ୍ଟନାୟକ, ରେଜିଷ୍ଟ୍ରାର ସୌକତ ପାତ୍ର, ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ ଲକ୍ଷ୍ମୀକାନ୍ତ ରାୟ ଚୌଧୁରୀ, ଏସଡିଜେଏମ୍ ଚିନ୍ମୟୀ ପଣ୍ଡା, ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଅବିନାଶ ଟିନାରା, ଆଇନସେବା ପ୍ରାଧିକରଣ ସଚିବ ବିମଳ ରାଉଳ, ଜିଲା ଓକିଲସଂଘର ସଭାପତି ସୁରେନ୍ଦ୍ର ନାରାୟଣ ନାଏକ, ଯୁଗ୍ମ ସମ୍ପାଦକ ପ୍ରଣବ ହାତୀ, ବୁଦ୍ଧଦେବ ନାଏକ, ତାରାକାନ୍ତ ରକ୍ସା, ସ୍ୱରାଜ ପଟେଲ, ପ୍ରତିମା ମିଶ୍ର, ସୁକାନ୍ତ ମହାପାତ୍ର, ନରେଶ ନାଏକ, ପରମେଶ୍ୱର ନାଏକ, ପ୍ରଦୀପ ମହାନ୍ତି ପ୍ରମୁଖ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ଆଡଭୋକେଟ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



ନୂତନ ଜିଲା ଦୌରାଜଜ୍‌ଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।


## ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

## ଦଖଲ ନୋଟିସ୍
(ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା ଏବଂ ଜାମିନ୍‌ଦାର ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଓ ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଓ ଠିକଣା / ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପାତ୍ର,** ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯, **ଶ୍ରୀ ଅଶୋକ କୁମାର ପାତ୍ର (ସତ୍ତ୍ୱାଧିକାରୀ) ଓ ଶ୍ରୀମତୀ ବିଶ୍ୱ ବନ୍ଦିତା ପାତ୍ର (ଜାମିନ୍‌ଦାର),** ସ୍ୱା-ଶ୍ରୀ ଅଶୋକ କୁମାର ପାତ୍ର, ଉଭୟଙ୍କ ଠିକଣା: ପ୍ଲଟ ନଂ.୫୯୩, ପୂର୍ଣ୍ଣମା ଗେଟ୍, ଗରାବନ୍ଧୁ ମଶାଣି ନିକଟ, ଭୁବନେଶ୍ୱର- ୭୫୧୦୦୨, **ସମ୍ପତ୍ତିର ମାଲିକ- ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ, ସତ୍ତ୍ୱାଧିକାରୀ :ଶ୍ରୀ ଅଶୋକ କୁମାର ପାତ୍ର ।** | (୧)ମେସର୍ସ ମା ଭବାନୀ **କନ୍‌ଫେକ୍ସନେରୀ** ନାମରେ ଥିବା ଫ୍ୟାକ୍ଟ୍ରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର- ୭୫୧୦୧୯, ମୌଜା- ଭଗବାନପୁର, ଖାତା ନଂ.-୫୦୩, ରେଭିନ୍ୟୁ ପ୍ଲଟ ନଂ.-୫୪(ପି), ଏରିଆ- ଏକର୦.୩୪୦ ଡିସିମିଲି (୧୦୦ ଫୁଟ X ୧୪୫ ଫୁଟ), ଜିଲ୍ଲା- ଖୋର୍ଦ୍ଧା, ତହସିଲି- ଭୁବନେଶ୍ୱର, ଏସ୍ଆରଓ- ଖଣ୍ଡଗିରି, ଚଉହଦି: ଉତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.-୨୬ ଏବଂ ୨୭, ପୂର୍ବ- ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୧ । **(୨)**ଇଡ୍‌କୋ ପ୍ଲଟ ନଂ.-୨୨ ଏବଂ ୨୩, ଖାତା ନଂ.୫୦୩, ମୌଜା-ଭଗବାନପୁର, ତହସିଲି- ଭୁବନେଶ୍ୱର, ଏସ୍ଆରଓ- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୧୦୧୯ ରେ ସ୍ଥାପିତ ହୋଇଥିବା ପ୍ଲାଣ୍ଟ ଏବଂ ମେସିନାରୀ ଯାହା **ମେସର୍ସ ମା ଭବାନୀ କନ୍‌ଫେକ୍ସନେରୀ** ନାମର ଅଛି । | ୨୯.୦୪.୨୦୧୯ | ୦୩.୦୭.୨୦୧୯ | ଟ.୨,୧୩,୧୧,୩୮୮.୩୩ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୭.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

